THE SUNDAY SECTION OF NITIDIN

ନିତିଦିନ NITIDIN


# ନଜର

୧୬ ପୃଷ୍ଠା


ରବିବାର ମ୍ୟାଗାଜିନ୍


ରବିବାର, ୧୪ ସେପ୍ଟେମ୍ବର,୨୦୨୫

## ମନୋରଞ୍ଜନ



**'ବିଗ୍ ବସ୍-୧୯'ରେ ହେବ ୱାଇଲ୍ଡ କାର୍ଡ ଏଣ୍ଟ୍ରି**





# ସବୁଜିମାର ଛାଇ

# ଶ୍ରୀ ରାମକୃଷ୍ଣ ଚରିତାମୃତ (୧୨)

ମନୋଜ କୁମାର ମହାପାତ୍ର

## ଜଗନ୍ମାତାଙ୍କର ପୂଜା ଉପାସନା ଓ ଦିବ୍ୟ-ଦର୍ଶନ (୪)

ଯେମିତି ଯେମିତି ତାଙ୍କର ଅନୁଭୂତି ତୀବ୍ରତର ହେଉଥିଲା, ମା'ଙ୍କର ଦର୍ଶନ ତେଜୋମୟ ହୋଇଉଠିଲା। କାଳୀଙ୍କର ପ୍ରତିମା ପ୍ରସ୍ତର ମୂର୍ତ୍ତିକୁ ଚେତନାମୟ ଅନୁଭବ କରିବାକୁ ଲାଗିଲେ। ଗଭୀର ଭକ୍ତି ତାଙ୍କ ଭିତରେ ଉତ୍ତାଳ ତରଙ୍ଗ ଜାତକଲା। ତାଙ୍କର ଭକ୍ତିପୂର୍ଣ୍ଣ ମନ ଓ ଚେତନାରେ କାଳୀଙ୍କର ପ୍ରତିମା ଅଦୃଶ୍ୟ ହୋଇ, ସେହି ସ୍ଥାନରେ ଜୀବନ୍ତ କାଳୀ ଉଦ୍‌ଭାସିତ ହେଲେ। ସତେକି ସେ ତାଙ୍କ ପାଖରେ ସଦା ବିରାଜିତ!!!

ସହାସ୍ୟବଦନା, ବରାଭୟଦାୟିନୀ, ପ୍ରତ୍ୟକ୍ଷଜନନୀ ମା' ଭବତାରିଣୀ କାଳୀଙ୍କୁ ପ୍ରତି ମୁହୂର୍ତ୍ତରେ ଅବଲୋକନ କରି ଗଦାଧର (ଶ୍ରୀ ରାମକୃଷ୍ଣ) ବାଳକଟିଏ ପରି ତାଙ୍କ ପଛେପଛେ ଶିଶୁ ସଦୃଶ ଦୌଡୁଥିଲେ, ହାସ୍ୟରସରେ କଥୋପକଥନ କରୁଥିଲେ, କେତେ କଥା ପଚାରୁଥିଲେ। ଏହା ଥିଲା ଏକ ଦିବ୍ୟଲୀଳା ଯାହା ବିଶ୍ୱ-ଆଧ୍ୟାତ୍ମିକ ଇତିହାସରେ ଦେଖିବାକୁ ବିରଳ। ପରବର୍ତ୍ତୀ କାଳରେ ଶ୍ରୀ ରାମକୃଷ୍ଣ ସେ ସମୟର ତାଙ୍କର ଅନୁଭୂତି ବର୍ଣ୍ଣନା କରି କହୁଥିଲେ - 'ବାସ୍ତବରେ ମୁଁ ତାଙ୍କର ନିଃଶ୍ୱାସ-ପ୍ରଶ୍ୱାସ ନିଜ ହାତରେ ଅନୁଭବ କରିଛି। ଯଦି ରାତିରେ କୋଠରି ପ୍ରକାଶିତ ହେଉଥିଲା ସେ ଅତି ନିକଟରୁ ଦେଖିବା ପରେ ମଧ୍ୟ ମୋତେ ଦୀପାବଳି ପରେ ତାଙ୍କର ଦିବ୍ୟ ରୂପର ଛାଇ ପଡ଼ିବାର ଦେଖିନାହାନ୍ତି।' ନିଜ ଶୋଇବା ଘରେ ସେ ଏକ ବାଳିକା ରୂପରେ ମନ୍ଦିରର ଉପରି ଭାଗରେ ପାଉଞ୍ଜିର ରୁଣୁଝୁଣୁ ଧ୍ୱନିରେ ପ୍ରକମ୍ପିତ ହେବାର ଶୁଣୁଥିଲେ। କାହିଁ ମୋର କିଛି ଭୁଲ୍ ହୋଇନାହିଁ ତ? ଏହା ଭାବି ଭାବି ପଛେ ପଛେ ଯାଉଥିଲି କେବଳ ଦେଖୁଥିଲି ପ୍ରଥମ ଲକ୍ଷ୍ୟରେ ନିଜର ଲହଡ଼ିଭଙ୍ଗା କେଶର ବିନ୍ୟାସରେ ଛିଡ଼ା ହୋଇଥାନ୍ତି ଏବଂ କେଉଁଠି କଲିକତାର ଗଙ୍ଗାକୂଳରେ ବିହାର କରୁଥାନ୍ତି।

ତାଙ୍କର ଭଣଜା ହୃଦୟ ଯିଏକି ଭବତାରିଣୀ ମନ୍ଦିରରେ ପୂଜାକର୍ମ କରିବା ସହିତ ତାଙ୍କ ସହିତ ନିରନ୍ତର ରହୁଥିଲେ, ସେ ଅତି ସୁନ୍ଦର ଭାବରେ ରାମକୃଷ୍ଣଙ୍କର ସାଧନା-କାଳର ଘଟଣା ସମ୍ବନ୍ଧରେ କହନ୍ତି - 'ବାପ୍‌ରେ ବାପ, ମାମୁଙ୍କର ସାଧନା କି ଅଦ୍ଭୁତ!' ସେ କହୁଥିଲେ- 'ବିଶେଷ କରି ମାମୁ ଯେତେବେଳେ ପୂଜା କରୁଥିଲେ ସେହି ସମୟରେ ମନ୍ଦିରରେ ପ୍ରବେଶ କରିବା ମାତ୍ରେ ମୁଁ ଏକ ରୋମାଞ୍ଚକର ଅନୁଭବରେ ଶିହରିତ ହେଉଥିଲି। ଏମିତି ଲାଗୁଥିଲା ସତେ ଯେମିତି ଜୀବନ୍ତ ମାତା ବିରାଜୁଛନ୍ତି? ତାଙ୍କର ଏମନ୍ତ ରୂପକୁ ଆଖି ଫେରାଇ ଆଣିବାକୁ ଇଚ୍ଛା ହେଉନଥିଲା। ମାମୁଙ୍କର ପୂଜାର ବିଚିତ୍ର ବିଧିବିଧାନ ମୋତେ କେବଳ ଆଶ୍ଚର୍ଯ୍ୟ କରୁନଥିଲା ବରଂ ଶ୍ରଦ୍ଧାରେ ଅଭିଭୂତ ମୁଁ ହୋଇଯାଉଥିଲି।'

ତଥାପି ଇତ୍ୟବସରେ, ତାଙ୍କର ମାନସିକ ସନ୍ତୁଳନର ସ୍ଥିତିକୁ ନେଇ ମୋର ସନ୍ଦେହ ଦିନକୁ ଦିନ ବଢିବାରେ ଲାଗୁଥିଲା। କାହିଁକିନା ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଶାସ୍ତ୍ର-ବିରୋଧୀ ଥିଲା। କର୍ମାଙ୍ଗୀ ବ୍ରାହ୍ମଣ ହୋଇଥିବାରୁ ପୂଜାକର୍ମ ମୋତେ ଭଲ ଭାବରେ ଜଣାଥିଲା। ପୁଣି କାଳୀଙ୍କର ପୂଜାରେ ଯଦି ବିଭ୍ରାଟ ଉପୁଜେ, ପୂଜାରୀର ମାନସିକ ଅବସ୍ଥା ବିଗିଡିଯିବାର ଅନେକ ଦୃଷ୍ଟାନ୍ତ ରହିଛି। ମୋତେ ବହୁତ ଭୟ ଲାଗୁଥିଲା ଯେ ଯଦି ରାଣୀ ରାସମଣୀ ଓ ତାଙ୍କର ଜାମାତା ମଥୁରବାବୁଙ୍କ ପର୍ଯ୍ୟନ୍ତ କଥା ପହଞ୍ଚେ ମାମୁଙ୍କର ଅବସ୍ଥା କ'ଣ ହେବ?

ଶ୍ରୀ ରାମକୃଷ୍ଣଙ୍କର ପୂଜାର ଶୈଳୀ ଦେଖି ଆଶ୍ଚର୍ଯ୍ୟ ଲାଗୁଥିଲା। ହାତରେ ଫୁଲ ତଥା ବେଲପତ୍ର ନେଇ ନିଜ ମସ୍ତକ ଓ ବକ୍ଷଦେଶରେ ଲଗାଉଥିଲେ ଏବଂ ପୁଣି ପୂରା ଶରୀର ଅର୍ଥାତ୍ ମସ୍ତକରୁ ପାଦ ପର୍ଯ୍ୟନ୍ତ ଛୁଇଁ ଏବଂ ସେହି ଫୁଲ ଓ ପତ୍ରକୁ ମା' କାଳୀଙ୍କର ଚରଣରେ ଅର୍ପଣ କରୁଥିଲେ। କେତେବେଳେ ସେ ଆରକ୍ତ ନେତ୍ର ହେଇ ଏବଂ ନିଜର ଆସନରୁ ଉଠି ଦେବୀଙ୍କର ସିଂହାସନ ପର୍ଯ୍ୟନ୍ତ ଦଣ୍ଡାୟମାନ ହେଇଯାଉଥିଲେ, କାଳୀଙ୍କର ପ୍ରତିମାର ଚିବୁକକୁ ଛୁଇଁ ଏବଂ ପ୍ରତିମାଙ୍କର ହାତକୁ ଧରି ଗୀତ ବୋଲନ୍ତି, ତାଙ୍କ ସହିତ ଥଟ୍ଟାତାମସା ହୁଅନ୍ତି, ହସନ୍ତି, କାନ୍ଦନ୍ତି ଏବଂ ନାଚିବାକୁ ଲାଗନ୍ତି। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ମୂଳାଷ୍ଟମୀ ଓ ଦୂତୀବାହନ ଓଷା

ଶ୍ୟାମ ସୁନ୍ଦର ସାମଲ



ଆଶ୍ୱିନ ମାସର କୃଷ୍ଣପକ୍ଷ ଅଷ୍ଟମୀକୁ ମୂଳାଷ୍ଟମୀ କୁହାଯାଏ। ଏହି ପବିତ୍ର ଦିନରେ ପାଳିତ ହୁଏ ଦ୍ୱିତୀୟା ଓଷା ବା ଦ୍ୱିତୀବାହନ ଓଷା। ଦ୍ୱିତୀୟା ଓଷା ଓଡ଼ିଶାର ଘରେ ଘରେ ପାଳିତ ହୋଇଥାଏ। ଓଡ଼ିଆ ପରମ୍ପରାରେ ଥିବା ବିଭିନ୍ନ ଓଷା ବ୍ରତ ପାଳନ ପଛରେ କିଛି ନା କିଛି ମାନସିକ ପୂରଣର କଥା ରହିଛି। ଓଷାକୁ ନେଇ ବିଭିନ୍ନ କିମ୍ବଦନ୍ତୀ ମଧ୍ୟ ପ୍ରଚଳିତ। ଏହିସବୁ କିମ୍ବଦନ୍ତୀ ଓ ଲୋକକଥାକୁ ନେଇ ଓଷା ପୁସ୍ତକ ମଧ୍ୟ ରହିଛି। ଦ୍ୱିତୀୟ ଓଷା ସମ୍ବନ୍ଧରେ ମଧ୍ୟ ସେହିପରି ଏକ ଲୋକ ବିଶ୍ୱାସ ରହିଛି। ମହିଳାମାନେ ସନ୍ତାନ ଲାଭ ଏବଂ ସନ୍ତାନମାନଙ୍କର ମଙ୍ଗଳ କାମନା କରି ଦ୍ୱିତୀୟା ଓଷା କରିଥାନ୍ତି। ଏହି ଓଷାରେ ଦ୍ୱିତୀବାହନ ଦେବତାଙ୍କୁ ପୂଜା କରାଯାଇଥାଏ।

ଆଶ୍ୱିନ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରୁ ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ରୀତିନୀତି ସହ ଆରମ୍ଭ ହେଉଛି ମା'ଦୁର୍ଗାଙ୍କର ଷୋଡ଼ଶ ପୂଜା ଉପଚାର। ଏହାକୁ ଷୋଡ଼ଶ ଦିନାତ୍ମକ ଉପଚାର କୁହାଯାଏ। ଏହି ଅବସରରେ ମା'କଟକ ଚଣ୍ଡୀଙ୍କୁ ଷୋଳ ଦିନରେ ଷୋଳପ୍ରକାର ବେଶରେ ସଜ୍ଜିତ କରାଯାଏ। ପୁରୀ ଶ୍ରୀମନ୍ଦିରରେ ମା'ବିମଳା, ତାରାତାରିଣୀ, ମା'ବିରଜା, ଦକ୍ଷିଣକାଳୀ ଆଦି ଶକ୍ତିପୀଠଗୁଡ଼ିକରେ ଷୋଡ଼ଶ ଉପଚାର ପୂଜା ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆଶ୍ୱିନ କୃଷ୍ଣପକ୍ଷ ନବମୀ ତିଥି ଯାଏଁ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଓଡ଼ିଶାରେ ମହିଳାମାନେ ସନ୍ତାନମାନଙ୍କ ଶୁଭ ମନାସି ଦୂତୀବାହନ ଓଷା ପାଳନ କରନ୍ତି। ଏହି ଦିନ ଯମଙ୍କୁ ଅର୍ପଣ କରାଯାଇଥିବା ୨୧ ପ୍ରକାର ପନିପରିବାରେ ଆଶ୍ୱିନ କୃଷ୍ଣପକ୍ଷ ନବମୀ ଦିନ ଘାଣ୍ଟ ତରକାରୀ ପ୍ରସ୍ତୁତ ହୁଏ।

ଦ୍ୱିତୀବାହନ ହେଉଛନ୍ତି ଭଗବାନ ସୂର୍ଯ୍ୟଙ୍କ ପୁତ୍ର। ସେ ଜଣେ ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମ ଲାଭ କରିଥିଲେ। ସୂର୍ଯ୍ୟଦେବଙ୍କ ଆଶୀର୍ବାଦରେ ଦ୍ୱିତୀବାହନଙ୍କ ଜନ୍ମ ହୋଇଥିବାରୁ ତାଙ୍କ ଭଳି ଏକ ପୁଅ ପାଇବା ଲାଗି ମହିଳାମାନେ ଦ୍ୱିତୀବାହନ ଓଷା କରିଥାନ୍ତି। ବିଶେଷ କରି ପୁତ୍ରପ୍ରାପ୍ତି ଆଶାରେ ଅପୁତ୍ରିକ ମହିଳାମାନେ ଏହି ଓଷା କରନ୍ତି। ଓଡ଼ିଶାରେ ଏହି ଓଷା ବହୁଳ ଭାବେ ପ୍ରଚଳିତ। ଦ୍ୱିତୀୟା ଓଷାର ସବୁଠୁ ବଡ଼ ଆକର୍ଷଣ ହେଉଛି ଘାଣ୍ଟ ତରକାରୀ। ଓଷା ପରଦିନ ଏହି ଘାଣ୍ଟ ତରକାରୀ ପ୍ରସ୍ତୁତ ହୋଇଥାଏ। ସବୁ ପରିବା ମିଶାଇ ଘାଣ୍ଟ ତରକାରୀ ରନ୍ଧା ଯାଇଥାଏ। ଏହାପରେ ବନ୍ଧୁବାନ୍ଧବଙ୍କ ମଧ୍ୟରେ ଏହି ଘାଣ୍ଟ ତରକାରୀ ବଣ୍ଟା ଯାଇଥାଏ। ଦ୍ୱିତୀୟା ଓଷା କରୁଥିବା ଏବଂ କରୁନଥିବା ମହିଳାମାନେ ମଧ୍ୟ ଓଷା ପରଦିନ ଘାଣ୍ଟ ତରକାରୀ କରି ପରସ୍ପର ମଧ୍ୟ ବାଣ୍ଟିଥାନ୍ତି। ବିବାହିତ ମହିଳାଙ୍କ ବାପଘରୁ ଦ୍ୱିତୀୟା ଓଷା ପାଇଁ ଭାର ମଧ୍ୟ ଆସିଥାଏ।

ସୁଭଦ୍ରା ନଗର, ବିଡ଼ାନାସୀ, କଟକ,
ଦୂରଭାଷ : ୯୭୭୮୬୩୫୯୨୬

ପ୍ରଚ୍ଛଦ ପଟ



# ସବୁଜିମାର ଛାଇ

**ଆମ ଦେଶ ଭାରତ ପ୍ରାକୃତିକ ସମ୍ପଦରେ ସମୃଦ୍ଧ । ଏହି ଦେଶର ପରିବେଶ ଅର୍ଥନୀତି ଓ ବନ୍ୟ ସମ୍ପଦ ସାମାଜିକ ଜୀବନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଶାନ୍ତି, ଶୀତଳ, ସବୁଜ ପରିବେଶ, ବିବିଧ ପଶୁଙ୍କ ଅବାଧ ଚଳପ୍ରଚଳ, ପକ୍ଷୀମାନଙ୍କର କଳରବ, ଝରଣାର କୁଳୁକୁଳୁ ନାଦ କାହାକୁ ବା ଅମୃହରା ନକରେ । କବିର କବିତା ଜୀବନ୍ତ ହୋଇଉଠେ, ଲେଖକର ଲେଖନୀ ଚଳଚଞ୍ଚଳ ହୁଏ, ଭାବୁକର ଭାବନା ବଳିଷ୍ଠ ହୁଏ । ପ୍ରତ୍ୟେକଙ୍କ ଜୀବନ ଦୁର୍ଲଭ, ସେ ମଣିଷ ହେଉ ବା ପଶୁ ଅଥବା ପକ୍ଷୀ ହେଉ ବା କୀଟପତଙ୍ଗ । କାରଣ ଏ ଧରା ବକ୍ଷରେ ଜୀବନ ପାଇଁ ବନ ଏବଂ ବନ ପାଇଁ ଜୀବନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲର ସୁରକ୍ଷା ହିଁ ମଣିଷ ଜାତିର ସୁରକ୍ଷା, ଜଙ୍ଗଲ ବଞ୍ଚିଲେ ମଣିଷ ସମାଜ ସୁସ୍ଥ ଜୀବନ ବିତାଇ ପାରିବ, ଉନ୍ନତି ପଥରେ ଆଗେଇ ପାରିବ, ସେହିପରି ମଣିଷ ସମାଜର ପ୍ରୟାସ ଓ ସଚେତନତା ବଳରେ ପରିପୂର୍ଣ୍ଣ ରହିପାରିବ ବନ ପରିବେଶ, ନିରାପଦ ରହିବ ବନ ସମ୍ପଦ । ବନ ଓ ଜୀବନର ପାରସ୍ପରିକ ପରିପୂରକ ତତ୍ତ୍ୱକୁ ହୃଦୟଙ୍ଗମ କରି ଅନେକେ ବନୀକରଣକୁ ଜୀବନ ବଞ୍ଚିବାର ମୁଖ୍ୟ ଆଧାର କରିଛନ୍ତି । ଜଙ୍ଗଲ ସମ୍ପଦର ସୁରକ୍ଷା ଓ ଜଙ୍ଗଲର ଅତୁଳନୀୟ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାପାଇଁ ଏକ ସ୍ୱତନ୍ତ୍ର ଉପସ୍ଥାପନା:**

ପ୍ରଫେସର (ଡ) ଅଜୟ କୁମାର ପାତ୍ର

ଆମ ଭାରତୀୟ ସଂସ୍କୃତି ଓ ଐତିହ ମହାନ । ଭାରତୀୟ ସଂସ୍କୃତିରେ ପ୍ରକୃତି ପୂଜାର ସ୍ୱତନ୍ତ୍ର ସ୍ଥାନ ଅଛି । ବୃକ୍ଷକୁ ଦେବତା ମଣି ଆଜି ବି ପୁରପଲ୍ଲୀରେ ଗ୍ରୀଷ୍ମ ଋତୁରେ ଭାରତୀୟ ନାରୀମାନେ ବୃକ୍ଷ ମୂଳରେ ପାଣି ଅର୍ପଣ କିର ପୂଜା କରୁଛନ୍ତି । ବୃକ୍ଷ ମୂଳରେ ପଥରର ଦେବଦେବୀ ସ୍ଥାପନ କିର ଅବା ପୋଖରୀ ବନ୍ଧରେ ବଟ ଓ ଅଶ୍ୱତଥ ଶିଶୁ ବୃକ୍ଷ ରୋପଣ କରି ଓ ସେ ବୃକ୍ଷ ବଡ଼ ହେଲା ପରେ ସେମାନଙ୍କ ବିବାହ କରି ଦେବ ଓ ଦେବୀ ମନେକରି ପୂଜା କରୁଛନ୍ତି । ମହାନ ତୀର୍ଥ ସ୍ଥଳ ପୁରୀ ଜଗନ୍ନାଥ ମନ୍ଦିର ବେଢ଼ାରେ କଳ୍ପବଟ କେଉଁ ଅତୀତ କାଳରୁ ପୂଜା ପାଇ ଆସୁଅଛି । ତୀର୍ଥଯାତ୍ରୀ ଯେ ଯାହାର ମନସ୍କାମନା ପୁରଣ ନିମନ୍ତେ ବଟ ବୃକ୍ଷ ମୂଳେ ଭକ୍ତି ନିବେଦନ କରିଥାନ୍ତି । ପୃଥିବୀ ପୃଷ୍ଠରେ ପ୍ରଥମେ ବୃକ୍ଷ ଓ ପରେ ଜୀବର ସୃଷ୍ଟି ହୋଇଛି । ପ୍ରଥମେ ଆଦିମ, ପରେ ଦ୍ରାବିଡ଼ ଓ ତତ୍‌ପରେ ଆର୍ଯ୍ୟ ମଣିଷ ଘନ ଜଙ୍ଗଲରୁ ସେମାନଙ୍କ ଜୀବନଯାତ୍ରା ଆରମ୍ଭ କରିଥିଲେ ।


ସବୁଜିମାରେ ପରିପୂର୍ଣ୍ଣ ବନ ପ୍ରକୃତିର ଏକ ପୂଜନୀୟ ଓ ଅଭିନ୍ନ ଅଙ୍ଗ । ଆମର ଉଚ୍ଚକୋଟୀର ଚିର ସବୁଜ ବନକୁ ଆଧ୍ୟାତ୍ମିକ ଶାନ୍ତି ଓ ଶକ୍ତି ତଥା ଜ୍ଞାନପ୍ରାପ୍ତିର ମହାନ ଉତ୍ସ ରୂପେ ଗ୍ରହଣ କରିଯାଇଛି । ଆମର ପବିତ୍ର ଗ୍ରନ୍ଥ ରାମାୟଣ ଓ ମହାଭାରତରେ ଜଙ୍ଗଲର 'ଗୁରୁ ଆଶ୍ରମ'କୁ ଶିକ୍ଷାର ମନ୍ଦିର ରୂପେ ବର୍ଣ୍ଣନା କରାଯାଇଛି । ଆମର ମୂଲ୍ୟବାନ ବୈଦିକ ସାହିତ୍ୟ ମଧ ଘନ ଜଙ୍ଗଲର ପବିତ୍ର ପରିବେଶରେ ବର୍ଣ୍ଣନା କରାଯାଇଛି । ଜଗତଜନନୀ ମା' ଦୁର୍ଗା, ଧନଦାତ୍ରୀ ଲକ୍ଷ୍ମୀ, ଜ୍ଞାନଦାତ୍ରୀ ସରସ୍ୱତୀ, ଭଗବାନ ଶିବ, କୃଷ୍ଣ ଦେବପୁତ୍ର ଗଣେଶ, କାର୍ତ୍ତିକ ଆଦି ଅନେକ ଦେବଦେବୀଙ୍କ ପ୍ରିୟ ବାହକ ଜଙ୍ଗଲ ପଶୁ, ପକ୍ଷୀ, ସରୀସୃପ ରହିଆସିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଜଙ୍ଗଲୀ ଜୀବଜନ୍ତୁଙ୍କ ସହିତ ଦେବଦେବୀଙ୍କର ସୁସମ୍ପର୍କ କେଉଁ ଆଦିମ କାଳରୁ ରହିଆସିଛି । ଅତୀତରେ ରାଜା, ମହାରାଜାମାନେ ମଧ୍ୟ ଜଙ୍ଗଲୀ ପଶୁ ଓ ପକ୍ଷୀର ଆଦର କରୁଥିଲେ ଓ ସେମାନଙ୍କ ଯତ୍ନ ମଧ୍ୟ ନେଉଥିଲେ । ସାଧାରଣ ମଣିଷ ଅତୀତରେ ଜଙ୍ଗଲକୁ ନିଜର ଜୀବିକା ନିର୍ବାହର ମୁଖ୍ୟ କର୍ମସ୍ଥଳ ରୂପେ ବିବେଚନା କରିବା ସହିତ ଜଙ୍ଗଲର ସୁରକ୍ଷା ନିମନ୍ତେ ଦରକାର ପଡୁଥିଲେ ଆତ୍ମବଳୀ ଦେଉଥିଲେ । ଏଠାରେ ମନେପକାଇବା ଉଚିତ ହେବ ଯେ ଆଜକୁ ପ୍ରାୟ ୪୦୦ ବର୍ଷ ତଳର କଥା । ତାହା ଥିଲା ୧୭୩୦ ମସିହା ସେପ୍ଟେମ୍ବର ୧୧ ତାରିଖ । ମାରୱାଡ଼ର ତତ୍କାଳୀନ ମହାରାଜା ଅଭୟ ସିଂହ ଏକ ନୂଆ ପ୍ରସାଦ ନିର୍ମାଣ କଲେ । ଏଥିପାଇଁ ଦରକାର ପଡ଼ିଲା ବୃକ୍ଷ । ତେଣୁ ସେ ନିକଟବର୍ତ୍ତୀ ଜଙ୍ଗଲରୁ ବଛା ବଛା ଗଛ କାଟି ଆଣିବା ପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଲେ । ମାତ୍ର ସେଠାକାର ବାସିନ୍ଦା, ବୃକ୍ଷ ପ୍ରେମୀ, ଅମୃତା ଦେବୀ ଗଛଗୁଡ଼ିକୁ ଆଦରରେ ଆଲିଙ୍ଗନ କରି ଗଛ କାଟିବାକୁ ବାରଣ କଲେ । ସେଥିରେ ତାଙ୍କ ତିନି ଝିଅମାନେ



ମଧ୍ୟ ଗୋଟିଏ ଗୋଟିଏ ଗଛକୁ ଆଲିଙ୍ଗନ କରି ଗଛ କାଟିବାକୁ ବିରୋଧ କଲେ । ହାତରେ ହତିଆର, କୁରାଢ଼ି ଧରି ଗଛ କାଟିବାକୁ ଉଦ୍ୟତ ଥିବା ରାଜାଙ୍କ ନିଷ୍ଠୁର ସୈନିକମାନେ କ୍ରୋଧରେ ଅମୃତା ଏବଂ ତାଙ୍କ ତିନି ଝିଅମାନଙ୍କୁ ହତ୍ୟା କଲେ । ଏହାପରେ ସେଠାକାର ବିଶ୍ନୋଇ ସମ୍ପ୍ରଦାୟର ଗ୍ରାମବାସୀଙ୍କ ସହ ସୈନିକଙ୍କ ଯୁଦ୍ଧରେ ପ୍ରାୟ ୩୬୩ଜଣଙ୍କ ପ୍ରାଣ ଯାଇଥିଲା । ଏହି ଆନ୍ଦୋଳନ ଏତେ ବଡ଼ ଥିଲା ଯେ ଏହା ଲୋକକଳାରେ ଏ ଯାବତ୍ ସାମିଲ ହୋଇଛି । ବିଶ୍ନୋଇ ସମାଜର ଗୁରୁ ମହାରାଜା ଜମ୍ଭାନୀ ଖ୍ରୀ: ୧୪୮୫ରେ ଏହି ପନ୍ଥ ପ୍ରତିଷ୍ଠା କରିଥିବା ବେଳେ ଗଛ କାଟିବା ଏବଂ ପଶୁ ହତ୍ୟାକୁ ବାରଣ କରିଥିଲେ । ଏହି ମହାନ ପରିବେଶୀ ସହିଦଙ୍କୁ ସ୍ମରଣ କରି ସେମାନଙ୍କ ପଥ 'ଜଙ୍ଗଲ ବଞ୍ଚାଅ'କୁ ଅନୁସରଣ କରିବା ପାଇଁ ଓ ସେମାନଙ୍କ ସମ୍ମାନାର୍ଥେ ୨୦୧୩ ମସିହାରୁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସେପ୍ଟେମ୍ବର ୧୧ ତାରିଖରେ 'ଜତୀୟ ବନବାହିନୀ ସହିଦ ଦିବସ'ପାଳନ ଆରମ୍ଭ କରିଆସୁ ।

'ଜଙ୍ଗଲ ନାହିଁ ତ ଜୀବନ ନାହିଁ ।' ଜଙ୍ଗଲର ସୁରକ୍ଷା ଓ ଜଙ୍ଗଲ ସମ୍ପଦର ବୃଦ୍ଧି ପାଇଁ ଭାରତର କେତଟି ପ୍ରମୁଖ ସଂସ୍ଥା ତତ୍ପର ଅଛନ୍ତି ଓ ନିଃସ୍ୱାର୍ଥ ଭାବରେ ଅହରହ କାର୍ଯ୍ୟ ଜାରି ରଖିଛନ୍ତି ଯଥା:

(୧) ଚିପ୍‌କୋ ଆନ୍ଦୋଳନ: ଏହା ଦେଶର ପ୍ରଥମ ଜନଜାଗରଣ ଆନ୍ଦୋଳନ । ୧୯୭୩ ମସିହାରେ ଟିହରୀ ଗଡ଼ୱାଇ ଓ ଚମୋଳି (ଏବେ ଉତ୍ତରାଖଣ୍ଡ ରାଜ୍ୟ ଅନ୍ତର୍ଭୁକ୍ତ) ଠାରେ ହଜାର ହଜାର ସଂଖ୍ୟାର ମହିଳା ଗଛମାନଙ୍କୁ ଆଲିଙ୍ଗନ କରି ଓ ସେଥିରେ ପବିତ୍ର ସୂତା ବାନ୍ଧି ନିଜ ମମତା ପ୍ରଦର୍ଶନ କରିଥିଲେ । ଏଭଳି ଏକ ଅଭୁଲା ଐତିହାସିକ ଆନ୍ଦୋଳନର କର୍ଣ୍ଣଧାର ଥିଲେ ପ୍ରଖ୍ୟାତ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣା । ଏମାନଙ୍କ ଦାବି ଥିଲା ଯେ 'ଜଙ୍ଗଲ ଯାହାର ଅଧିକାର ତାହାର', ଜଙ୍ଗଲ ସମ୍ପଦର ଉପକାରିତା ସ୍ଥାନୀୟ ଅଧିବାସୀ ପାଇବା ଉଚିତ । ଏହି ପରିବେଶ ଅନୁକୂଳ ଚିପ୍‌କୋ ଆନ୍ଦୋଳନରେ ମଧ୍ୟ ଗୌରୀଦେବୀ, ସ୍ୱଦେଶ ଦେବୀ ପ୍ରମୁଖ ବହୁ ବଡ଼ ବଡ଼ ନେତୃତ୍ୱ ସାମିଲ







ହୋଇଥିଲା । ୧୯୭୮ ମସିହାରେ ଗ୍ରାମବାସୀଙ୍କ ସପକ୍ଷରେ ନିଷ୍ପତ୍ତି ନେଇଥିଲେ ସରକାର ।

(୨) ସାଇଲେଣ୍ଟ ଭ୍ୟାଲି ବଞ୍ଚାଅ ଆନ୍ଦୋଳନ: ୧୯୭୦ ଦଶକରେ କେରଳର ବିଦ୍ୟୁତ ବୋର୍ଡ଼ ନିରବ ଉପତ୍ୟକାରେ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ ଯୋଜନା ପ୍ରସ୍ତୁତ କଲେ । ଏହା ସେତେବେଳେ ଦୀର୍ଘ ୮ବର୍ଗ କିଲୋମିଟର ଦୀର୍ଘ ସବୁଜ ଜଙ୍ଗଲ ଉପରେ ବିପଦ ସୃଷ୍ଟିକଲା। ତେଣୁ ଏହି ବିରାଟ ବିରଳ ଜଙ୍ଗଲର ସୁରକ୍ଷା ପାଇଁ କେରଳ ଶାସ୍ତ୍ର ସାହିତ୍ୟ ପରିଷଦ ସଂସ୍ଥା ଓ ସାମାଜିକ କର୍ମୀ ସୁଗାଥା କୁମାରୀ ଅଭିଯାନ ଆରମ୍ଭ କଲେ ଯାହାକୁ ବିରାଟ ଜନତାଙ୍କର ସମର୍ଥନ ମିଳିଥିଲା । ସରକାରଙ୍କ ଉପରେ ଚାପ ପଡ଼ିଲା ଏବଂ ୧୯୮୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିରବ ଉପତ୍ୟକାକୁ ସଂରକ୍ଷିତ ରଖିବାର ଘୋଷଣା କରିଥିଲେ ଓ ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥଗିତ ରହିଥିଲା ।

(୩) କାଞ୍ଚା ଗାଚିବୋୱାଲି ଆନ୍ଦୋଳନ: ବିବିଧ ବିରଳ ପ୍ରଜାତିର ବୃକ୍ଷ ଓ ପଶୁପକ୍ଷୀଙ୍କ ନିର୍ଭର ଆଶ୍ରୟ ସ୍ଥଳ ହାଇଦ୍ରାବାଦଠାରେ କାଞ୍ଚା ଗାଚିବୋୱାଲି ଜଙ୍ଗଲ ସଫା କରି ତେଲଙ୍ଗାନା ସରକାର ଆଇଟି ପାର୍କ ପ୍ରତିଷ୍ଠାର ଯୋଜନାକୁ ଦୃଢ଼ ବିରୋଧ କରିଥିଲେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ସମାଜ ଏବଂ ସ୍ଥାନୀୟ ବାସିନ୍ଦା । ସେମାନେ ଘୋର ବିରୋଧ କରିବା ପରେ ତାହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ସୁପ୍ରିମକୋର୍ଟ ସମ୍ପ୍ରତି ରାୟ ଦେଇଛନ୍ତି । ଏହି ଜଙ୍ଗଲ ହାଇଦ୍ରାବାଦର ଫୁସଫୁସ୍ ବୋଲି କୁହାଯାଏ ।

(୪) ଆପିକୋ ଆନ୍ଦୋଳନ: ବିଶିଷ୍ଟ ପରିବେଶବିତ୍ ପାଣ୍ଡୁରଙ୍ଗ ହେଗ୍‌ଡ଼େଙ୍କ ବଳିଷ୍ଠ ନେତୃତ୍ୱରେ ୧୯୮୩ ମସିହାରେ କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ଲାଗି ଆଞ୍ଚଳିକ ଅଧିବାସୀ ଗଛ ସହିତ ଲାଖି ହୋଇ, ଜଙ୍ଗଲରେ ପଦ ସଞ୍ଚାଳନ କରିବା ସହ ସ୍ଲାଇଡ୍ ଶୋ, ଲୋକନୃତ୍ୟ, ପଥପ୍ରାନ୍ତ ନାଟକ ଆଦି ପ୍ରଦର୍ଶନ କଲେ । ଶେଷରେ ଏହି ଆନ୍ଦୋଳନରେ ବିଜୟ ହୋଇଥିଲା ।


(୫) ଜଙ୍ଗଲ ବଞ୍ଚାଅ ଆନ୍ଦୋଳନ: ୧୯୮୨ ମସିହାରେ ଝାଡ଼ଖଣ୍ଡର ସିଂହଭୂମି ଜିଲ୍ଲାରେ ଆଦିବାସୀମାନେ ନିଜ ଜଙ୍ଗଲର ସୁରକ୍ଷା ପାଇଁ ଏକ ବଡ଼ ଆନ୍ଦୋଳନ କରିଥିଲେ । ପ୍ରକୃତରେ ସେହି ଜଙ୍ଗଲର ଘଞ୍ଚ ପ୍ରାକୃତିକ ଜଙ୍ଗଲରୁ ମୂଲ୍ୟବାନ ଶାଳ ବୃକ୍ଷସବୁ କାଟି ନୂତନ ପ୍ରକଳ୍ପ ସ୍ଥାପନ ପାଇଁ ଯୋଜନା କଲେ । ମାତ୍ର ଏହି ଯୋଜନା ଦ୍ୱାରା ହଜାର ହଜାର ଆଦିବାସୀମାନଙ୍କ ବାସସ୍ଥାନ ପ୍ରତି ବିପଦ ସୃଷ୍ଟି ହେଲା । ଓଡ଼ିଶା ଏବଂ ଝାଡ଼ଖଣ୍ଡ ଅଞ୍ଚଳରେ ୧୯୭୮- ୮୩ ପର୍ଯ୍ୟନ୍ତ ଚାଲିଥିବା ଏହି ଆନ୍ଦୋଳନ ବେଳେ ୧୮ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥଲେ । ୨୦୦୫ ମସିହାରେ ସରକାର ଜଙ୍ଗଲ ଅଧିକାର ଆଇନ୍ ପାସ୍ କରିବା ପରେ ଆଦିବାସୀମାନେ ଆଶ୍ୱସ୍ତ ହୋଇଥିଲେ ।

ଭାରତ ଜଙ୍ଗଲ ଅଭିବୃଦ୍ଧି ଓ ମାନବ ସଭ୍ୟତାର ସୁରକ୍ଷା ଲାଗି ବନୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି । 'ଗ୍ରୀନ୍‌ଇଣ୍ଡିଆ ମିଶନ୍' ପରି ପଦକ୍ଷେପ ଦ୍ୱାରା ୨୦୩୦ ମସିହା ସୁଦ୍ଧା ଭାରତୀୟ ବନାଞ୍ଚଳ ୫୦ ଲକ୍ଷ ହେକ୍ଟରରୁ ଅଧିକ ପର୍ଯ୍ୟନ୍ତ ବୃଦ୍ଧି କରିବାର ଲକ୍ଷ୍ୟ କରାଯାଇଛି । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଅଖଣ୍ଡ ଭାରତରେ ବନୀକରଣର ପ୍ରଥମ ଭିତ୍ତି ସ୍ଥାପନ କରିଥିଲେ ଜଣେ ବିଦେଶୀ (ଜର୍ମାନୀ) ଉଦ୍ଭିଦ ବିଜ୍ଞାନୀ ଭାଏଟ୍ରିକ୍ ବ୍ରେଣ୍ଡିସ୍ ।

ଜଳବାୟୁ ନିୟନ୍ତ୍ରଣ, ଜଳଚକ୍ର ନିର୍ଦ୍ଧାରଣ, ବୃଷ୍ଟିପାତ ସୂତ୍ରପାତ, ମୃତ୍ତିକାର ଉର୍ବରତା ବୃଦ୍ଧି କରିବା ଏବଂ ଭୂସ୍ଖଳନ, ମେଘଫଟା ବର୍ଷା, ପ୍ରବଳ ବାତ୍ୟା, ପ୍ରବଳ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଧିକନ୍ତୁ ବିବିଧ ପ୍ରଜାତିର ଗଛ ଏବଂ ପଶୁପକ୍ଷୀ, କୀଟ ଓ ପତଙ୍ଗଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ହୋଇ ଜୈବ ବିବିଧତା ସଂରକ୍ଷଣରେ ପ୍ରମୁଖ ଭୂମିକା ନିର୍ବାହ କରୁଛି ଜଙ୍ଗଲ । ବୈଜ୍ଞାନିକ ତଥ୍ୟାନୁଯାୟୀ ଗୋଟିଏ ବୃକ୍ଷ ତା'ର ଜୀବନକାଳ ମଧ୍ୟରେ ଜଳଧାରଣର ଶକ୍ତି, ଫଳ, ମୂଳ, ଫୁଲ, ଛାୟା, ଅମ୍ଳଜାନ ପ୍ରଦାନକୁ ଆକଳନ କରାଯାଇ କୁହାଯାଇଛି ଯେ ଏକ ବୃକ୍ଷର ମୂଲ୍ୟ ପ୍ରାୟ ଦୁଇ କୋଟି ଟଙ୍କାରୁ ଅଧିକ । ଗୋଟିଏ ବୃକ୍ଷରେ ଅନ୍ୟୁନ ୨୦ରୁ ୩୦ ପ୍ରଜାତୀର ପଶୁ, ପକ୍ଷୀ, କୀଟ ଓ ପତଙ୍ଗ ଆଶ୍ରୟ ନେଇଥାନ୍ତି । ଗ୍ରୀଷ୍ମ ଋତୁରେ ଗଛର ଛାୟା ବାହାରର ତାପ



ଠାରୁ ପ୍ରାୟ ୪° ବା ୫° ସେଣ୍ଟିଗ୍ରେଡ଼୍ କମ୍ ହୋଇଥାଏ । ଭାରତୀୟ ସଂସ୍କୃତି ଜଙ୍ଗଲକୁ ମାତୃତମ ସ୍ଥାନ ପ୍ରଦାନ କରିଛି । ଜଙ୍ଗଲ ସହିତ ଜଡ଼ିତ ଆଦିବାସୀ ପାରମ୍ପାରିକ ପ୍ରଥା ଏବଂ ପରିବେଶ ଜ୍ଞାନ ମଣିଷ ସମାଜକୁ ପ୍ରକୃତି ସହ ସନ୍ତୁଳନ ରକ୍ଷାକରି ଆତ୍ମନିର୍ଭରଶୀଳ ଜୀବନ ନିର୍ବାହ କରିବାରେ ସହାୟକ ହେବ । ଯାହା କୁହାଯାଏ, ପ୍ରକୃତିର ସନ୍ତାନ ଆଦିବାସୀମାନଙ୍କ ପାଇଁ ଜଙ୍ଗଲ




ହେଉଛି ଜୀବନ ଓ ଜୀବିକାର ଆଧାର । ସେମାନେ ବିଭିନ୍ନ ପର୍ବପର୍ବାଣୀରେ ବୃକ୍ଷ ପୂଜା କରିଛନ୍ତି । ମୃର୍ତ୍ତିକାରୁ ଜଳ ଆରୋହଣ ଓ ସୂର୍ଯ୍ୟାଲୋକ ପାଇ ଆକାଶ ଆଡ଼କୁ ବିସ୍ତାରିତ ବୃକ୍ଷ ଭିତରେ ପ୍ରଥମେ ଆଦିବାସୀମାନେ ହିଁ ବିଶ୍ୱପ୍ରକୃତିର ମୌଳିକ ସୂତ୍ର ଆବିଷ୍କାର କରିଥିଲେ ଓ ଆରମ୍ଭ କରିଥିଲେ ବୃକ୍ଷପୂଜା ପରମ୍ପରା ।

ମୋଟଉପରେ ବୃକ୍ଷ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ପ୍ରକୃତି ସହିତ ଆମର ସମ୍ବେଦନଶୀଳ ସମ୍ପର୍କ ଉପରେ ଆଧାରିତ ତଥା ଜଙ୍ଗଲ କ୍ଷୟ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତା ହ୍ରାସ ଭଳି ପରିବେଶଗତ ପ୍ରତିକୂଳ ଚିନ୍ତାଧାରା ବିରୁଦ୍ଧ ସମ୍ପର୍କିତ କାହାଣୀ ବ୍ୟବହାର କରି ଭାରତର କେତକ ଚଳଚିତ୍ର ନିର୍ମାତା କାଲ୍ (୨୦୨୧), ଦି ଫରେଷ୍ଟ (୨୦୦୯), କାର୍ବନ (୨୦୧୭), କଡ଼୍ୱି ହାୱା (୨୦୧୭) ଓ ଶେରନୀ (୨୦୨୧) ଭଳି ଚଳଚ୍ଚିତ୍ର ମାଧ୍ୟମରେ ଜନତା ମଧ୍ୟରେ ସଚେତନତା ସୃଷ୍ଟି କରିଛନ୍ତି ।

ଆସନ୍ତୁ ଆମେ ଟିକେ ଶାନ୍ତି, ଶୀତଳତା ଖୋଲା ପବନ ପାଇଁ ପୁଣି ଫେରିଯିବା ପ୍ରକୃତି ଆବାସ ଜଙ୍ଗଲ କୋଳକୁ ଯେଉଁଠି ଅଛି ଜହ୍ନରାତି, ବଣମଲ୍ଲୀର ମହକ, ପଳାସ ଫୁଲର ସୁନ୍ଦରତା, କୃଷ୍ଣଚୂଡ଼ାର ହସ, ପକ୍ଷୀର କାକଳି, ଶୀତଳ ଝରଣା ପାଣି, ସତେଜ ସବୁଜ ପରିବେଶ । ସେଠାରେ ପ୍ରତିଧ୍ୱନିତ ହେଉଥିବ ଆଦିବାସୀଙ୍କ ନୃତ୍ୟ, ମନେପଡୁଥିବ ସେମାନଙ୍କ ଝାଟିମାଟି ଘର ଓ ଜୀବନର ଅମୀୟ ଅମୃତ ଧାରା ।

**ପରିବେଶ ବିଜ୍ଞାନୀ**
**ମୋ: ୯୪୩୮୬୨୧୩୯୧**



## ମନକୁ ଆସିଲା ଯାହା ୩୬

# ମୁଁ କିଛି ଲେଖିବିନି...



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ନା, ବହୁତ ହେଇଗଲା । ଆଉ ସେ କଲମ କେବେ ଧରିବନି କି କିଛି ଲେଖିବିନି । ଯଦି ମୋ ଲେଖା କାହାକୁ ଏତେ ଖରାପ ଲାଗୁଛି, ତେବେ ମୁଁ ଲେଖିବି କାହିଁକି ? ଯାହାକୁ ମୁଁ ଲେଖାର ପ୍ରଥମ ପାଠକ ବୋଲି ଭାବେ, ଯାହାକୁ ମୁଁ ପ୍ରତିଟି ଲେଖାର ପ୍ରଥମ ଶ୍ରୋତା ବୋଲି ଭାବି ପଢି ଶୁଣେଇ ମତାମତ ଆଶାକରେ, ସେ ଯଦି ମୋତେ କହିବ ଯେ, ଏଇ ଲେଖାଟି ଫୋନ୍‌ରେ ଶୁଣି ୫ ମିନିଟ ସମୟ ନଷ୍ଟ କରିବାକୁ ମୁଁ ଚାହେଁନି ବୋଲି ଫୋନକୁ ଦୂରରେ ଥୋଇଦିଏ । ତେବେ ଏ ଲେଖକୀୟ ସ୍ୱାଭିମାନର ମେରୁଦଣ୍ଡ ଦୋହଲିଯିବା ଖୁବ ସ୍ୱାଭାବିକ । ଏଣୁ ଧିକ୍ ମୋ ଲେଖାଲେଖି, ଶତଧିକ୍ ମୋ ସାହିତ୍ୟ ପ୍ରେମକୁ । ପରମୂହୁର୍ତ୍ତରେ ପୁଣି ଭାବୁଛି, ହେ' ଛାଡ ମ, କେହି ଜଣେ କହିଦେଲା ବୋଲି କଣ ମୋ କଲମରୁ କାଳି ଶୁଖେଇ ଦେବି ? ତାକୁ ଭଲ ଲାଗୁନି ତ ନଲାଗୁ, ଆହୁରି କଣ କେହି ନାହାନ୍ତି, ଯାହାକୁ ମୋ ଲେଖା ଭଲ ଲାଗୁଥିବ । ତା' ନହେଇଥିଲେ ପ୍ରତି ସପ୍ତାହରେ ଲେଖା ପଢିସାରି ଏତେ ପାଠକ ଫୋନ୍ କରୁ ନଥାନ୍ତେ କିମ୍ବା ଯେଉଁ ବର୍ଷାଧିକ କାଳ ମୋ ଲେଖା ବନ୍ଦଥିଲା, କେହି ପଚାରୁନଥାନ୍ତେ, କାହିଁକି ଲେଖୁନି ବୋଲି ।

ସତ କଥା ହେଉଛି, ଯିଏ ମୋତେ ଏମିତି ବିଦ୍ରୁପ କରି ତାଚ୍ଛଲ୍ୟଭରା କଥା କହିପାରିଲା, ପରେ ଜାଣିଲି ଯେ, ସେ ମାନସିକ ଭାବେ ଚାପଗ୍ରସ୍ତ ଥିଲା ଓ ମୋ ପ୍ରତି ମନରେ ଏକ ପୁଞ୍ଜୀଭୂତ ଅସନ୍ତୋଷର ପରିପ୍ରକାଶ ପାଇଁ ସେ ମୋ ଲେଖା/ମୋ ସାହିତ୍ୟକୁ ହିଁ ନିଶାନା ବନେଇଥିଲା । ସବୁ ଲେଖକ ମାନେ ସ୍ୱାଭିମାନୀ ଏବଂ ପ୍ରଚଣ୍ଡ ଆତ୍ମାଭିମାନୀ ମଧ୍ୟ । କେହି ପଦେ ପ୍ରଶଂସା କରି କହିଦେଲେ ମନ କୁଣ୍ଢେମୋଟ ହେଇ ଛାତି ଚଉଡା ହେଇଯିବ ପୁଣି କେହି ପଦେ ନକରାତ୍ମକ ଧାଡି ଶୁଣେଇବ ତ' ମୁହଁ ଫୁଲେଇବ । ଏ ଲେଖକ କୂଳଟା ହିଁ ଏମିତି । ଚିରକାଳ ଖୋଜୁଥାଏ ପାଠକର ସ୍ନେହଟିକେ । ସେଇ ଶରଧାର ପରଶ ଟିକେ ହିଁ ବୋଧେ ତାର ଛାତିତଳେ ରୁଗୁରୁଗୁ ହେଇ ଜଳୁଥିବା ଯନ୍ତ୍ରଣାର ସହଜ ସରଳ ଉପଶମ ।

ତେଣୁ ତ ଆମର ସାହିତି୍ୟକ ମାନେ ଚିରକାଳ ଅସନ୍ତୁଷ୍ଟ । ସତେ ଯେମିତି ସନ୍ତୁଷ୍ଟ ଘୁଷୁରୀ ହେବା ଠାରୁ ଅସୁନ୍ତଷ୍ଟ ସକ୍ରେଟିସ ହୋଇ ରହିବାକୁ ଭଲ ପାଆନ୍ତି ସେମାନେ । ହେଲେ ଯେଉଁ ପାଠକ ମାନଙ୍କ ପାଇଁ ଲେଖା ହୁଏ ପୁଳାପୁଳା ଗଦ୍ୟ, କାବ୍ୟ, ପ୍ରବନ୍ଧ, ସେ ପାଠକ କାହାନ୍ତି ଆଜି ? ଆଜି ବୋଧେ ଲେଖକଙ୍କ ତୁଳନାରେ ପାଠକଙ୍କ ସଂଖ୍ୟା କମ୍ ।

ତେଣୁ ମୁଁ ନିଷ୍ପତ୍ତି ନେଇଛି ଯେ, ମୁଁ ସେ ପର୍ଯ୍ୟନ୍ତ କଲମ ଚଳେଇବା ବନ୍ଦ କରିବିନି, ଯେପର୍ଯ୍ୟନ୍ତ ପାଠକଟିଏ ବଞ୍ଚିଛି । ଯଦିବି ସେ ଶେଷତମ ପାଠକ ଜଣକ ମୁଁ ନିଜେ ହିଁ ହେଇଥାଏ କିନ୍ତୁ ପାଠକ ଅଭାବରୁ ମୋ ଲେଖାକୁ ଏମିତି ଅକାଳରେ ମରିଯିବାକୁ ଦେବିନାହିଁ । ଏମିତି ଭାବୁଭାବୁ ଏଇ ସପ୍ତାହରେ ସକାଳୁ ଉଠି ଖବରକାଗଜ ଦେଖି ମୁଁ ଚମକିପଡିଲି । ଯେଉଁଠି ରାଜ୍ୟର ପ୍ରମୁଖ ସମ୍ବାଦପତ୍ର ମାନଙ୍କର ପ୍ରଥମ ପୃଷ୍ଠାର ବିଜ୍ଞାପନ ଆବୋରି ବସିଥାନ୍ତି ପାନମସଲା/ଗୁଟଖା ନହେଲେ ସରକାରୀ ଯୋଜନାର ପ୍ରଚାରପ୍ରସାର କିମ୍ବା ସ୍ଥଳବିଶେଷରେ ମୋବାଇଲ/ମଟରସାଇକେଲ/କାର ବା ଆମାଜନ/ଫ୍ଲିପକାର୍ଟ ନତୁବା ରିଲାଏନ୍ସ/ବିଶାଲ ମେଗାମାର୍ଟ ପରି ଶସ୍ତା ଚିଜମାନ । ସେଇଠି ପ୍ରଥମ ପୃଷ୍ଠାରେ ୫ଟି ଓଡିଆ ବହିର ବିଜ୍ଞାପନ । ଏହାତ' ନିଶ୍ଚୟ ଲଙ୍କାରେ ହରି ନାମ ସହ ସମାନ । ମୁଁ ଆଗ୍ରହର ସହ ଅନୁଧ୍ୟାନ କରି ଜାଣିଲି ଯେ, ଏ ପ୍ରକାର ଉଦ୍ୟମ/ଦୁଃସାହସ ଅନ୍ତତଃ ଆମ ରାଜ୍ୟରେ ପ୍ରଥମ । କିନ୍ତୁ ପରମୁହୂର୍ତ୍ତରେ ଭାବିବାକୁ ବାଧହେଲି ଯେ, ଲକ୍ଷାଧିକ ଅର୍ଥବ୍ୟୟରେ ବିଜ୍ଞାପିତ ସେଇ ୫ଟି ବହିରୁ କେତେ ସଂଖ୍ୟାରେ ବିକ୍ରି ହେଲେ ପ୍ରକାଶନ ଖର୍ଚ୍ଚ/ବିତରଣ ଓ ରାଜଭାଗକୁ ବାଦ ଦେଇ ଲାଭାଂଶରୁ ଭରଣା କରାଯାଇପାରିବ ? ଏହାର ଉତ୍ତର ଭାବୁଭାବୁ ମନକୁ ଆସିଲା, ଲାଭ/କ୍ଷତିର ହିସାବ ପରେ କରିବା କିନ୍ତୁ ଏ ପ୍ରକାର ବିଜ୍ଞାପନରେ ଖୁସି ନହେବା କାହିଁକି ? ଲେଖକଟିଏ କଣ ଜଣେ ନାମିଦାମୀ ଚଳଚ୍ଚିତ୍ର ଅଭିନେତା ଠାରୁ କୌଣସି ଗୁଣରେ କମ କି ? ବହିଟିଏ କଣ ଆଜିର ବସ୍ତୁବାଦୀ ଦୁନିଆରେ ଅନ୍ୟ କୌଣସି ପଣ୍ୟଦ୍ରବ୍ୟ ଠାରୁ କେଉଁଥିରେ କମ୍ କି ?

ଲେଖାଠାରୁ ଲେଖକଙ୍କୁ ବଡ କରି ଥୋଇବାର ପ୍ରଥା ଆରମ୍ଭ ହେଉ । ଅବଶ୍ୟ ଏ ଉଦ୍ୟମ କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇସାରିଛି । ବସଷ୍ଟାଣ୍ଡରେ ଫିଲ୍ମ ପୋଷ୍ଟର ପରି ବହିର ବିରାଟ ହୋର୍ଡିଂ ଲାଗିବା, ବହିର ଜନ୍ମଦିନ ପାଳନ କରିବା, ନୂଆବହିର ଅନାବରଣରେ ନିଲାମ ଡାକିବା ପୁଣି ନୂଆନୂଆ ବାଗରେ ବହିକୁ ନେଇ ନାନାଦି ଅଦ୍ଭୁତ କଳ୍ପନାଜଳ୍ପନା କରିବା, ଏସବୁ କଣ ସାହିତ୍ୟ ପ୍ରେମ ନୁହେଁ କି ? ଅନେକ ଉଦ୍ଭଟ ଉଦ୍ୟମ କରି ସାହିତ୍ୟକୁ ବଞ୍ଚେଇ ରଖିବା ଓ ନୂଆ ପାଠକ ମାନଙ୍କୁ ଯୋଡିବା ପାଇଁ ଏବେକାର ପ୍ରକାଶକ/ଲେଖକ/ଯୁବପୀଢିଙ୍କ ଉଦ୍ୟମ ପ୍ରେରଣାପଦ ନୁହେଁ କି ?

ଅବଶ୍ୟ ସମୟ ସହ ତାଳଦେଇ ଫେସବୁକ ଆଦି ସାମାଜିକ ଗଣମାଧ୍ୟମ ଆସିବା ପରେ ଲେଖକଟିଏ ବନିବା ଅନେକ ସହଜ ହୋଇଯାଇଛି । ଆଗରୁ ହାତଗଣତି କେଇଟା ପତ୍ରିକାର ପୃଥୁଳକାୟ ପୂଜାସଂଖ୍ୟା ବା ଶାରଦୀୟ ବିଶେଷାଙ୍କରେ ନିଜ ଲେଖାଟିଏ ବାହାରିବା ହିଁ ଥିଲା ଲେଖକୀୟ ସ୍ୱୀକୃତିର ପ୍ରଥମ ଫର୍ମୁଲା । ଏବେ କିନ୍ତୁ ଶବ୍ଦ ସହ ଶବ୍ଦ ଯୋଡି, ବାକ୍ୟ ପଛକୁ ବାକ୍ୟ ଖଞ୍ଜିଦେଲେ ହିଁ ଅନାୟାସରେ ବନିଯାଉଛି କବିତା କି ଗଳ୍ପ । ପୁଣି କୃତ୍ରିମ ବୁଦ୍ଧିମତା ସେଥିରେ ଲଗେଇ ଦେଉଛି ଆକର୍ଷଣୀୟ ଚିତ୍ରଟିଏ । ଏସବୁ ମିଶି ଫେସବୁକ ପୃଷ୍ଠାରେ ହିଁ ତିଆରି କରିଦେଉଛନ୍ତି ଲୋକପ୍ରିୟ ଲେଖକ/ଲେଖିକା । ସେଠି ଲେଖୁଛି କିଏ, ପଢୁଛି କିଏ, କଣ ଲେଖା ହେଇଛି, ସେଥିରେ କାହାରି ସାମାନ୍ୟତମ ମତଲବ ନାହିଁ । ଖାଲି ଲାଇକ, ସେୟାର ଆଦି ଗଣାଯାଉଛି । ଫଲୋ, କମେଣ୍ଟ ଆଦିରେ ହିଁ ମପାଯାଉଛି ଏକ ସାହିତି୍ୟକ ସର୍ଜ୍ଜନାର କଳେବର ଓ ଲୋକପ୍ରିୟତା ।

ଆଜିକାଲି ତ ଏସବୁ ମଧ୍ୟ ପ୍ରାୟୋଜିତ ହେଲାଣି । ନିଜକୁ ବିଜ୍ଞପିତ କରିବା ପାଇଁ ଢେର ମାଧ୍ୟମ ଖୋଲିଗଲାଣି, ଏଠିବି ଦଲାଲ ବେପାରୀମାନେ ଆଡ୍ଡା ଜମେଇଲେଣି । ଆସ, ଆମକୁ ଏତିକି ପଇସା ଦିଅ, ପ୍ୟାକେଜ ନିଅ, ଆମେ କରିବୁ ତୁମର ବିଜ୍ଞାପନ, ପ୍ରଚାର ପ୍ରସାର, ପ୍ରକାରାନ୍ତରେ ବ୍ରାଣ୍ଡ ବିଲ୍ଡିଂ । ତୁମେ ଖାଲି ପଇସା ଖର୍ଚ୍ଚ କର, ତୁମକୁ ପ୍ରସିଦ୍ଧିର ଶିଡି ଚଢେଇବାର କିଛି ବି ଉଦ୍ୟମ ଆମେ ବାକି ରଖିବୁ ନାହିଁ । ଗତ ସେପ୍ଟେମ୍ବର ୩ ତାରିଖରେ ଫେସବୁକରେ ଜଣେ ସାହିତି୍ୟକ/ପ୍ରକାଶକ ଏକ ଆଲେଖ୍ୟରେ ଅର୍ଦ୍ଧଶ୍ଳେଷରେ ଲେଖିଲେ ସାହିତ୍ୟରେ ଟାରିଫ (ଯେମିତି ବେପାରରେ ଟ୍ରମ୍ପଙ୍କର ଭାରତ ଉପରେ କଟକଣା ସେମିତି ଓଡିଆ ସାହିତ୍ୟରେ ପ୍ରବୀଣ ଓ ବରିଷ୍ଠ ମାନଙ୍କର ନବୀନ ଓ ତରୁଣ (ତରୁଣୀ ବି) ମାନଙ୍କ ଉପରେ ଅଲିଖିତ କଟକଣା) ଏବଂ ଶେଷକୁ ଯୋଡିଦେଲେ ବାକ୍ୟଟିଏ, ୪୦ ହଜାର ଦେଇ ଉପନ୍ୟାସ ଛପା । ବାସ ନିଆଁ ଲାଗିଗଲା ସେଇଠୁଁ ।

ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି, ନ୍ୟାୟରେ କୁଦିପଡିଲେ କେହି କେହି । ପରେ ପରେ ଆୟୋଜିତ ଏକ ସଭାରେ ନିର୍ଦ୍ଦିଷ୍ଟ ଅତିଥିଙ୍କୁ ନେଇ ଆଉ ଜଣକର ତର୍ଜମା ଓ ବିଷୋଦଗାର ପରେ ସୃଷ୍ଟି ହୁଏ ଏକ ମହାଭାରତ, ଯେଉଁଠି ମୁଖାପିନ୍ଧା କେଇଜଣ ମଣିଷ ପରସ୍ପରର ଗୋହି ଖୋଳାଖୋଳିରେ ବ୍ୟସ୍ତ । ଏତିକିରେ ମନ ବୁଝିଲାନି କି କଣ୍ଠୁ ମରିଲାନି ଯେ, ନିତାନ୍ତ ବ୍ୟକ୍ତିଗତ ଆକ୍ଷେପ ଓ କୁତ୍ସାରଟନା ପରି ଚରିତ୍ର ସଂହାର ବି ଚାଲିଲା । ଏ ଆରୋପ ପ୍ରତ୍ୟାରୋପରେ ଆଗଧାଡିର କେଇ ଜଣ ଅଗ୍ରଜ ଓ ଦିଗ୍ଗଜ ବି ସାମିଲ ହେଇଗଲେ, ନୂଆ ପିଢ଼ିର ତରୁଣ ଲେଖକ ଓ ଲେଖିକାମାନେ ବି ମୁଖର ହେଲେ । ବରିଷ୍ଠ କେଇଜଣ ବି ନିଆଁରେ ଘିଅ ଢାଳିବା କାମ କଲେ । ଅନେକ ଦିନରୁ କୁହୁଳୁଥିବା ନିଆଁ ଟା ହଠାତ୍ ତେଜିଉଠିଲା । ଅତଏବ ମାତ୍ର ସପ୍ତାହକ ଭିତରେ ଓଡିଶାର ସାହିତ୍ୟଜଗତ ପାଲଟିଗଲା ଏକ ଗୋଳିଆପାଣି ଏବଂ ଓଡିଆ ପରି ଏକ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦାହାନୀ ଘଟାଇଲେ ତଥାକଥିତ ସାହିତି୍ୟକ ବୋଲାଉଥିବା ବଡ ମୁଣ୍ଡିଆମାନେ ।

ମୁଁ ତ' ଏତିକି କହିବି, ସାହିତ୍ୟରେ ଏ ରାଜନୀତି ଆଗରୁ ନଥିଲା କି ? ହଁ, କିନ୍ତୁ ଏତେ କଳୁଷିତ ନଥିଲା ସାହିତ୍ୟାକାଶ । ଯେପର୍ଯ୍ୟନ୍ତ ଏ ସବୁର ଯବନିକା ପତନ ନହୋଇଛି, ଛାଡି ଦିଆଯାଉ ସମସ୍ତଙ୍କୁ ନିଜ ନିଜ ବାଗରେ । ପରନିନ୍ଦା ପରଚର୍ଚ୍ଚା କରି ବିବାଦୀୟ ହେଉଥାଆନ୍ତୁ, ନିଜ ହତାଶପଣକୁ ଫେସବୁକ ପୃଷ୍ଠାରେ ଛାତି ବାଡେଇ ଦେଖେଇ ହେଉଥାଆନ୍ତୁ । ମୁଁ କିନ୍ତୁ ଲେଖା ବନ୍ଦ କରିବି ନାହିଁ, ସାହିତ୍ୟ ଆକାଶ ପରିଷ୍କାର ହେବାପର୍ଯ୍ୟନ୍ତ ନିଜକୁ ଦୂରେଇ ରଖିବି ଏସବୁରୁ, ନଚେତ ସବୁଦିନ ପାଇଁ ଲେଖାଛାଡିଦେବି । କଣ କଲେ ଭଲ ହେବ, ଆପଣ କ'ଣ ଭାବୁଛନ୍ତି..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ଫ୍ୟାସନରେ ବନାରସୀ ସୁଟ୍



ପ୍ରତ୍ୟେକ ଉତ୍ସବରେ ଭାରି ବନାରସୀ ଶାଢ଼ି ପିନ୍ଧିବା ସମ୍ଭବ ହୁଏ ନାହିଁ। ଆଜିକାଲି ବଜାରରେ ବନାରସୀ ସୁଟ୍‌ର କ୍ରେଜ୍ ଦେଖିବା ପାଇଁ ମିଳୁଛି। ତେଣୁ ଯୁବତୀମାନେ ବନାରସୀ ସୁଟ୍‌କୁ ମଧ୍ୟ ବହୁତ ପସନ୍ଦ କରନ୍ତି। ବନାରସୀ ଶାଢ଼ି ହେଉ ବା ସୁଟ୍ ଏହା ଦେଖିବା ପାଇଁ ଯେତେ ସୁନ୍ଦର ଏହାକୁ ପିନ୍ଧିଲେ ମଧ୍ୟ ଅଧିକ ସୁନ୍ଦର ଲାଗିଥାଏ। ଏହା ସାଧାରଣତଃ ଗୋଲ୍ଡେନ୍ ଜରି କାମ୍ ଏବଂ ସାଇନ୍ କପଡ଼ାରୁ ତିଆରି ହୋଇଥାଏ। ତେବେ ଏହି ବନାରସୀ ସୁଟ୍‌କୁ ଯେକୌଣସି ପୂଜା, ବିବାହ, ଫଙ୍କସନ କିମ୍ବା ପାର୍ଟି ଅବସରରେ ପିନ୍ଧିପାରିବେ। ସେହିଭଳି କିଛି ବନାରସୀ ସୁଟ୍‌ର ଲାଟେଷ୍ଟ୍ ଡିଜାଇନ୍ ଏବେ ଟ୍ରେଣ୍ଡ୍‌ରେ ରହିଛି।

## ଷ୍ଟାଇଲିସ୍ ସୁଟ୍ ସେଟ୍

ବନାରସୀ ସୁଟ୍‌ର ଏହି ଡିଜାଇନ୍ ସମ୍ପୂର୍ଣ୍ଣ ଆଧୁନିକ ଏବଂ ଏଲିଗେଣ୍ଟ ଦେଖାଯାଏ। ଏହା ସାମାନ୍ୟ ସଫ୍ଟ କଲର୍ ହୋଇଥିବାରୁ କାଫି ଟ୍ରେଣ୍ଡ୍‌ରେ ଅଛି। ଏହି ସୁଟ୍ ସାଧାରଣତଃ ବ୍ରଡ୍ ନେକ୍‌ଲାଇନ୍, ଲଙ୍ଗ୍ ହୋଇଥିବାରୁ ଏହା ଏକ ଷ୍ଟାଇଲିସ୍ ଲୁକ୍ ଦେଇଥାଏ। ଏଥିରେ କାନଫୁଲ, ଚେନ୍, ଚୁଡ଼ି ସହିତ ହିଲ୍ସ ପିନ୍ଧିଲେ ଏହା ଆପଣଙ୍କୁ ଖୁବ୍ ଗର୍ଜିଅସ ଲୁକ୍ ପ୍ରଦାନ କରେ।

## ଶରାରା ସୁଟ୍ ସେଟ୍

ଯୁବତୀମାନଙ୍କ ପାଇଁ ଏହିପରି ଶରାରା ସୁଟ୍ ସେଟ୍ ଉପଯୁକ୍ତ ରହିବ। ବନାରସୀ ସୁଟ୍ ବହୁତ ପାରମ୍ପାରିକ ମନେହୁଏ। ଏହାକୁ ଟ୍ରେଣ୍ଡି ଲୁକ୍ ଦେବା ପାଇଁ ଷ୍ଟିଚିଂ ପ୍ୟାଟନ୍ ସର୍ବୋତ୍ତମ ହୋଇଥାଏ। ସ୍ଲିଭ୍‌ଲେସ୍ ସଟ୍ କୁର୍ତ୍ତି ଏବଂ ଫ୍ୟାନ୍‌ସି ପ୍ଲାଜୋ ପ୍ୟାଣ୍ଟ ଏବଂ ଦୁପଟା ସହିତ ପରଫେକ୍ଟ ଲୁକ୍ ଦେଇଥାଏ। ଏହିପରି ଶରାରା ସୁଟ୍ ଯେକୌଣସି ଫଙ୍କସନ୍ ପାଇଁ ଉପଯୁକ୍ତ ଅଟେ। ଏହାକୁ ମ୍ୟାଚିଂ କରି କାନଫୁଲ ଏବଂ ଜୋତା ପିନ୍ଧିପାରିବେ।

## କ୍ଲାସିକ୍ ବନାରସୀ ସୁଟ୍

ଏହି ପ୍ରକାର କ୍ଲାସିକ୍ ବନାରସୀ ସୁଟ୍ ଆପଣଙ୍କ ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ। ଏହାର ନେକ୍‌ଲାଇନ୍, ଲମ୍ୱା ହାତ, ଲଙ୍ଗ୍ ଲେନ୍ଥ, ଡିଜାଇନ, କଲର, ପ୍ରିଣ୍ଟ ଏବଂ ବଡ଼ର ସବୁକିଛି ଏକଦମ୍ ପରଫେକ୍ଟ। ଏହି କୁର୍ତ୍ତା ସହିତ ଲମ୍ୱା ସ୍କର୍ଟ ଏବଂ ଦୁପଟା ଡିଜାଇନ୍ ଆକର୍ଷଣୀୟ ହୋଇଥିବାରୁ ଯୁବତୀମାନଙ୍କର ପ୍ରଥମ ପସନ୍ଦରେ ରହିଛି। ଏହା ସହିତ ଲମ୍ୱା କାନଫୁଲକୁ ବ୍ୟବହାର କରିପାରିବେ। ଏହା ଏକ କ୍ଲାସିକ୍ ବନାରସୀ ଡିଜାଇନ୍ ଯାହା ଅତ୍ୟନ୍ତ ରାଜକୀୟ ଲୁକ୍ ଦେଇଥାଏ।

## ବନାରସୀ ଅନାରକଲି ସୁଟ୍

ଅନାରକଲି ସୁଟ୍ ସବୁ ଯୁବତୀମାନଙ୍କର ଅଧିକ ପସନ୍ଦରେ ଥାଏ। ଏହାକୁ ପିନ୍ଧିବା ପରେ ଅତିସୁନ୍ଦର ଦେଖାଯାଇଥାନ୍ତି। ଏହିପରି ଅନାରକଲି ସୁଟ୍‌କୁ ଆପଣ ଯେକୌଣସି ପାର୍ଟି ଏବଂ ଫଙ୍କସନ୍‌ରେ ପିନ୍ଧିପାରିବେ। ଏହା ଆପଣଙ୍କୁ ଏକ ଚମତ୍କାର ଲୁକ୍ ଦେଇପାରେ।

## ବନାରସୀ ଲେହେଙ୍ଗା ସୁଟ୍

ଯଦି ଆପଣ ଏକ ଫଙ୍କସନ୍‌ରେ ଏଲିଗେଣ୍ଟ ଏବଂ ରୟାଲ୍ ଲୁକ୍ ଚାହୁଁଛନ୍ତି, ତେବେ ଏହି ବନାରସୀ ଲେହେଙ୍ଗା ସୁଟ୍‌କୁ ଟ୍ରାଏ କରନ୍ତୁ। ଏହା ପିନ୍ଧିବା ପାଇଁ ଆରାମଦାୟକ ହେବ ଏବଂ ଅତି ଗ୍ରେସ୍‌ଫୁଲ ଲୁକ୍ ଦେଇଥାଏ। ତେଣୁ ଏହାକୁ ଯେକୌଣସି ଫେଷ୍ଟିବାଲ୍ କିମ୍ବା ଫଙ୍କସନ୍ ପାଇଁ ସର୍ବୋତ୍ତମ ରହିବ। ଏହାକୁ ମ୍ୟାଚିଂ କରି ଜୁଏଲାରୀ ଏବଂ ହେୟାର୍ ଷ୍ଟାଇଲି କରିପାରିବେ।

ରୋଷେଇ ଘରୁ

# ଚିକେନ୍ ପିଜା ସିଙ୍ଗଡ଼ା



**ଆବଶ୍ୟକ ସାମଗ୍ରୀ:** ସିଝା ଚିକେନ୍-୨୦୦ଗ୍ରାମ୍, ଚିଜ୍-୧ କପ୍, କଟା କ୍ୟାପ୍‌ସିକମ୍, କଟା ଟମାଟୋ, ସିଝା ମକା, ବ୍ଲାକ୍ ଅଲିଭିସ୍, ଗ୍ରୀନ୍ ଅଲିଭିସ୍, କଟା ରସୁଣ, ପିଜା ସସ୍, ପିଆଜ, କଟା ଧନିଆପତ୍ର, ଲୁଣ, ଚିଲ୍ଲିଫ୍ଲେକ୍ସ, ଗୋଲମରିଚ ଗୁଣ୍ଡ, ଅରିଗାନୋ, ମଇଦା, ସିଙ୍ଗଡ଼ା ସିଟ୍।

**ପ୍ରଣାଳୀ:** ଗୋଟିଏ ଗିନାରେ ସିଝା ଚିକେନ୍, କ୍ୟାପ୍‌ସିକମ୍, ଟମାଟୋ, ମକା, ବ୍ଲାକ୍ ଅଲିଭିସ୍, ଗ୍ରୀନ୍ ଅଲିଭିସ୍, କଟା ରସୁଣ, ଗ୍ରେଟ୍ ଚିଜ୍, ଅରିଗାନୋ, ଚିଲ୍ଲିଫ୍ଲେକ୍ସ, ଗୋଲମରିଚ ଗୁଣ୍ଡ, ଲୁଣ, ପିଜା ସସ୍, କଟା ଧନିଆପତ୍ରକୁ ଦେଇ ଭଲ ଭାବେ ମିଶାନ୍ତୁ। ଏହାକୁ ମ୍ୟାରିନେଟ୍ କରି ୫ରୁ୬ ମିନିଟ୍ ପାଇଁ ରଖିବେ। ଗୋଟେ ଗିନାରେ ମଇଦା, ପାଣି ନେଇ ପତଳା ପେଷ୍ଟ ପ୍ରସ୍ତୁତ କରନ୍ତୁ। ବଜାରରେ ମିଳୁଥିବା ସିଙ୍ଗଡ଼ା ସିଟ୍‌କୁ ଆଣି ଏହାକୁ ସିଙ୍ଗଡ଼ା ଭଳି ଭାଙ୍ଗି ଏଥିରେ ମ୍ୟାରିନେଟ୍ କରି ରଖିଥିବା ପୁରକୁ ଦେଇ ସାରିବା ପରେ ପତଳା ପେଷ୍ଟ ଲଗାଇ ବନ୍ଦ କରିନେବେ। ଏହି ଭଳି ଭାବରେ ସବୁ ସିଙ୍ଗଡ଼ା ପ୍ରସ୍ତୁତ କରି ରଖନ୍ତୁ। ପ୍ୟାନ୍‌ରେ ତେଲ ଗରମ ହେଲେ ଏହି ସିଙ୍ଗଡ଼ାକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହି ଚିକେନ୍ ପିଜା ସିଙ୍ଗଡ଼ାକୁ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଳଖିଆ ଭାବେ ଖାଇବା ପାଇଁ ଦିଅନ୍ତୁ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ସପ୍ତାହଟି କର୍ମକ୍ଷେତ୍ରରେ ଅବହେଳା ଦେଖାଦେବ ନୈରାଶ୍ୟତା କିନ୍ତୁ ଶରୀର ସୁସ୍ଥତା ରହିବ। ପ୍ରତିଶ୍ରୁତି ବିବାଦରେ ପରିଣିତ ହେବ ଆୟ ମଧ୍ୟମ ମାତ୍ର ବ୍ୟୟ ବୃଦ୍ଧି ଯୋଗ ପାରିବାରିକ ଜୀବନ ହର୍ଷ ଓ ବିଷାଦରେ କଟିବ। ପ୍ରତିକାର-ପ୍ରତିଦିନ ପିତାମାତାଙ୍କୁ ପ୍ରଣାମ କରଣୀୟ।

**ବୃଷ** ସପ୍ତାହଟି ସବୁକ୍ଷେତ୍ରରେ ସଫଳ ହେବେ। ଅର୍ଥ ଓ ଦ୍ରବ୍ୟ ଲାଭଯୋଗ ରହିଛି। ପ୍ରତିଯୋଗିତାରେ ବିଜୟୀ ହେବେ। ପାରିବାରିକ ଜୀବନ ପ୍ରାଚୁର୍ଯ୍ୟପୂର୍ଣ୍ଣ ଅଟେ ଚାକିରିରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ପ୍ରତିକାର-ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ।

**ମିଥୁନ** ସପ୍ତାହଟି ଫଳ ଶୁଭ ନୁହେଁ ଅସ୍ଥିରତା କର୍ମକ୍ଷେତ୍ରରେ ବାଧା ଓ ପ୍ରତିବନ୍ଧକ ଦେଖାଦେବ। କଳହରେ ଜଡ଼ିତ ହୋଇପାରନ୍ତି। ଚୋର ଭୟର ଆଶଙ୍କା କରାଯାଏ। ପତ୍ନୀସୁଖରୁ ବଞ୍ଚିତ ହେବେ। ପ୍ରତିକାର-ପ୍ରତିଦିନ ଗଣେଶଙ୍କୁ ପୂଜା କରଣୀୟ।

**କର୍କଟ** ସପ୍ତାହଟି ଆକାଶଛୁଆଁ ଖର୍ଚ୍ଚ ହେବ। କର୍ମକ୍ଷେତ୍ରରେ ଅସହଯୋଗ, ପ୍ରତାରିତ, ଆୟ ମଧ୍ୟମ ଅଟେ। ପାରିବାରିକ ଅସନ୍ତୋଷ ଓ ଚାକିରିରେ ଅସ୍ଥିରତା ଲାଗି ରହିବ। ବ୍ୟବସାୟ ମାନ୍ଦାରେ ଚାଲିବ। ପଢ଼ାପଢ଼ିରେ ଅଶାନ୍ତି ବଢ଼ିବ । ପ୍ରତିକାର-ଦ୍ୱିତୀୟାଦିନ ଚନ୍ଦ୍ର ପୂଜା କରଣୀୟ।

**ସିଂହ** ସପ୍ତାହଟି ଆପଣଙ୍କର ଦେହ ଓ ମନ ଆଦୌ ଭଲ ରହିବ ନାହିଁ । ବ୍ୟୟର ସ୍ରୋତ ବଢ଼ି ଚାଲିବ । କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ ବନ୍ଧନ ଯୋଗ, ପାରିବାରିକ ଚିନ୍ତାବୃଦ୍ଧି ହେବ। ଚାକିରିରେ ସ୍ଥାନାନ୍ତର ହୋଇପାରନ୍ତି। ପ୍ରତିକାର-ରବିବାର ଦିନ ବେଲ ଗଛମୂଳେ ଜଳ ଦାନ କରନ୍ତୁ।

**କନ୍ୟା** ସପ୍ତାହଟି ଆୟ ଉତ୍ତମ ହେବ। କର୍ମକ୍ଷେତ୍ରରେ ସଫଳତା ପାଇବେ। ଶତ୍ରୁମାନେ ପରାଜିତ ହେବେ। ଭ୍ରମଣରେ ଲାଭବାନ ଓ ପାରିବାରିକ ଜୀବନ ଉତ୍ସବ ମୁଖରିତ ହେବ। ବିଦ୍ୟାର୍ଥୀମାନଙ୍କର ପଢ଼ାପଢ଼ିରେ ଶୁଭ ହେବ। ପ୍ରତିକାର-ବୁଧବାର ଦିନ ଗଣେଶ ଭଗବାନଙ୍କୁ ପୂଜା କରନ୍ତୁ।

**ତୁଳା** ସପ୍ତାହଟି ଫଳ ଶୁଭ ନୁହେଁ ସର୍ବଦା ଅସ୍ଥିର ରହିବେ। କର୍ମକ୍ଷେତ୍ରରେ ବ୍ୟଗ୍ରତା ବୃଦ୍ଧି, ପଥଭ୍ରଷ୍ଟ ହୋଇପାରନ୍ତି। ପାରିବାରିକ ବିଦ୍ରୋହ, ଚାକିରିରେ ସ୍ଥାନାନ୍ତରିତ, ବ୍ୟବସାୟରେ ସ୍ୱଳ୍ପ ଲାଭ ହେବ। ପ୍ରତିକାର-ସବୁଦିନ ଲକ୍ଷ୍ମୀ ମା'ଙ୍କୁ ପୂଜା କରଣୀୟ।

**ବିଛା** ସପ୍ତାହଟିରେ ବହୁଦିନର ଶତ୍ରୁ ପରାଜିତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ମିଳିବ। ଆୟ ଅବ୍ୟାହିତ ରହିବ। ନେତୃତ୍ୱ ପ୍ରାପ୍ତି ଯୋଗ, ପାରିବାରିକ ସୁଖୀ ହେବେ। ଭୂ-ସମ୍ପଦ ଲାଭ, ବ୍ୟବସାୟରେ ଲାଭ, ଦୂରଯାତ୍ରାରେ ସଫଳ ହେବ। ପ୍ରତିକାର-ମଙ୍ଗଳବାର ଦିନ ନାଗାର୍ଜ୍ଜୁନ ଗଛରେ ଜଳଦାନ କରଣୀୟ।

**ଧନୁ** ସପ୍ତାହଟି ଶତ୍ରୁହାନି ଓ ସାଫଲ୍ୟତା ଯୋଗ । କର୍ମକ୍ଷେତ୍ରରେ ସମ୍ମାନିତ, ଦୌରାତ୍ମିକ ଧନ୍ଦାରେ ନିଯୁକ୍ତ ରହିବେ। ରାଜନୈତିକ ସାହାଯ୍ୟ ପ୍ରାପ୍ତି, ପାରିବାରିକ ସୁଖ। ବ୍ୟବସାୟ ଲାଭ ଦାୟକ ହେବ ଓ ଶିକ୍ଷାରେ ଆଗେଇବେ। ପ୍ରତିକାର-ଗୁରୁବାର ଦିନ ଦେବଗୁରୁ ବୃହସ୍ପତୀଙ୍କୁ ପୂଜା କରଣୀୟ।

**ମକର** ସପ୍ତାହଟି କର୍ତ୍ତବ୍ୟରେ ଆଗେଇବେ, ଶିକ୍ଷାରେ ଅଗ୍ରଗତି ଘଟିବ, ଆୟମଧ୍ୟମ ଅଟେ। ପ୍ରତିଯୋଗିତାରେ ସଫଳ ହେବେ। ବନ୍ଧୁ ଲାଭ ଯୋଗ ରହିଛି। ପାରିବାରିକ ସୁଖ ପାଇବେ, ଚାକିରିରେ ପଦମର୍ଯ୍ୟାଦା ଲାଭ ହେବ। ପ୍ରତିକାର-ଶନିବାର ଦିନ ଶନିଦେବଙ୍କୁ ପୂଜା କରଣୀୟ।

**କୁମ୍ଭ** ସପ୍ତାହଟି ଶରୀର ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ସାଫଲ୍ୟତା, ଆୟ ଉତ୍ତମ, ଭୂମିଲାଭ ଓ ଘର ତିଆରି କାମରେ ଆଗେଇବେ। ଚାକିରିରେ ଆଧିପତ୍ୟ ବଢ଼ିବ ବିଦ୍ୟାର୍ଥୀମାନେ ପଢ଼ାପଢ଼ି ଓ ପରୀକ୍ଷାରେ ଆଗୁଆ ହେବେ। ପ୍ରତିକାର-ହନୁମାନ ଚାଳିଶା ପାଠ କରଣୀୟ।

**ମୀନ** ସପ୍ତାହଟି ମଧ୍ୟମ ଫଳଦାୟକ ହେବ। ଦେହ ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା, ଆର୍ଥିକ ସ୍ଥିତି ଭଲ ରହିବ ନାହିଁ। ନିର୍ଧାର୍ଯ୍ୟ କାର୍ଯ୍ୟରେ ଆଗେଇବେ, ଶିକ୍ଷା କ୍ଷେତ୍ରରେ ମଧ୍ୟ ଆଗେଇବେ। ପାରିବାରିକ ସୁଖ, ବ୍ୟବସାୟ ବୃଦ୍ଧି ଓ ଲାଭବାନ ହେବେ। ପ୍ରତିକାର-ସବୁଦିନ ତୁଳସୀ ଚଉରା ମୂଳେ ଜଳ ଅର୍ପଣ କରଣୀୟ।

ସଂସ୍କୃତି ଓ ପରମ୍ପରା

# ଅନାବିଳ ମାତୃତ୍ୱର ପ୍ରତୀକ : ପୁଅ ଜିଉଁତିଆ











ଭାରତୀୟ ପରମ୍ପରା ଓ ସଂସ୍କୃତିରେ ମାନବ ସମାଜରେ ସୁଖ ଶାନ୍ତି କାମନା କରି ଅନେକ ଗୁଡ଼ିଏ ପର୍ବପର୍ବାଣୀ, ଓଷା, ବ୍ରତ ପାଳିତ ହୋଇଥାଏ। ପଶ୍ଚିମ ଓଡ଼ିଶାର ପୁଅ ଜିଉଁତିଆ ହେଉଛି ଏକ ସାମାଜିକ, ସାଂସ୍କୃତିକ ଜୀବନର ନିଆରା ପରମ୍ପରା। ଆମର ସାମାଜିକ ପର୍ବପର୍ବାଣୀ ସମାଜର ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସାଧନ କରିଥାଏ। ମାଆ ଏବଂ ପୁଅ ଝିଅଙ୍କ ଅନାବିଳ ସ୍ନେହ ଓ ମମତାର ପ୍ରତୀକ ପୁଅ ଜିଉଁତିଆ ପର୍ବ। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ମୂଳାଷ୍ଟମୀ ବା ପୁଅ ଜିଉଁତିଆ ରୂପେ ପାଳନ କରାଯାଏ। ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ ଓ ମହାନ ପର୍ବମାନଙ୍କ ମଧ୍ୟରେ ପୁଅ ଜିଉଁତିଆ ଅନ୍ୟତମ। ମାଆମାନେ ସନ୍ତାନମାନଙ୍କ ଦୀର୍ଘାୟୁ, ନିରାମୟ ଜୀବନ, ଉଜ୍ଜଳ ଭବିଷ୍ୟତ, ସୁଖ ସମୃଦ୍ଧି କାମନା କରି ଏବଂ ହସ୍ତ ବିବାହିତା ନାରୀ, ବନ୍ଧ୍ୟା ଓ ପୁତ୍ରହରା ନାରୀମାନେ ପୁତ୍ରଲାଭ କରିବା ଆଶାରେ ଏହି ଦିନ ଜଳସ୍ପର୍ଶ ନକରି ନିର୍ଜଳା ଉପବାସ ରହି ଏହି ଓଷାକୁ ପାଳନ କରିଥାନ୍ତି। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା ' ପୁଅ ଜିଉଁତିଆ ' ନାମରେ ଏକ ମୁଖ୍ୟ ଓଷା ଭାବେ ପାଳିତ ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ' ଦୁତିଆ / ଦୂତୀଆ' ବା 'ଦୂତୀ ବାହନ ଓଷା' ନାମରେ ପ୍ରଚଳିତ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ଜଣାଶୁଣା। ଏହି ପର୍ବ ଦୂତୀ ବାହନ ଓଷା ବା ଦୁତିଆ ଓଷା ବା ଜୀମୂତବାହନ ଉପବାସ ନାମରେ ମଧ୍ୟ ଓଡ଼ିଶାର ବେଶ୍ ଖ୍ୟାତ। ଏହି ବ୍ରତର ଉପାସ୍ୟ ଦେବତା ଜିମୂତ ବାହନ। ପ୍ରଚଳିତ ଓଷା କଥା ଅନୁସାରେ ଜିମୂତବାହନ ସୂର୍ଯ୍ୟଙ୍କର ପୁତ୍ର ଏବଂ ଜଣେ ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମ ହୋଇଥିଲେ। କେତେକ ସ୍ଥାନରେ ଭାଇମାନଙ୍କର ଶୁଭମନାସୀ ଭଉଣୀମାନେ ମଧ୍ୟ ଏ ପ୍ରକାର ଓଷା କରୁଥିବାର ଦୃଷ୍ଟାନ୍ତ ରହିଛି ।

ଦାମ୍ପତ୍ୟ ଜୀବନରେ ପୁତ୍ର ଲାଭ କରିବା ଓ ସେହି ପୁତ୍ରର ମଙ୍ଗଳ କାମନା କରିବା ପାଇଁ ପୁଅ ଜିଉଁତିଆ ଓଷା ପାଳନ କରାଯାଇଥାଏ ବୋଲି ସମସ୍ତଙ୍କର ଅଗାଧ ବିଶ୍ୱାସ। ଜିଉଁତିଆର ପୂର୍ବଦିନ ଓଷାକାରିଣୀମାନେ ନଦୀ କିମ୍ବା ପୋଖରୀ ତୁଠକୁ ଭଲ ଭାବରେ ପରିଷ୍କାର କରିଦିଅନ୍ତି। ୧୦୮ ଅକ୍ଷତ ଅରୁଆ ଚାଉଳ, ୧୦୮ ଦୁବ, ନାନାପ୍ରକାରର ଫୁଲ ଓ ଆଖୁ, କଦଳୀ, କନ୍ଦମୂଳ, ନଡ଼ିଆ, ଗଜା ମୁଗ, ବଡ଼ଚଣା, ସୋଲା, ନାରଙ୍ଗ, ପାନ, କାକୁଡି, କମଳା, ଜହ୍ନି, କଖାରୁ ଆଦି୨୧ ପ୍ରକାରର ଫଳ ଓ ପରିବା ଆଣିଥାନ୍ତି। ସପ୍ତମୀ ରାତ୍ରିରେ ଚିଲ ଓ ଶିଆଳକୁ ମନେମନେ ସ୍ମରଣକରି ତା' ପରଦିନ ପ୍ରଭାତରୁ ତାଙ୍କୁ ଯାଇ ଭେଟିବାକୁ ହୋଇଥାଏ। ସ୍ନାନ ଶେଷକରି ସେହି ଦିନଯାକ ନିର୍ଜଳା ଉପବାସ କରିବାକୁ ପଡ଼େ। ସନ୍ଧ୍ୟା ସମୟରେ ପୂଜା ସ୍ଥାନକୁ ପବିତ୍ର କରି ସେଠାରେ ଗୋଟିଏ କୋଠି ତିଆରି କରାଯାଏ। ଚାରିପାଖରୁ ମାଟିଖୋଳି ନେଇ ମଝିଟିକୁ ଛାଡ଼ି ଦିଆଯାଏ, ସତେ ଯେମିତି ଚାରିପାଖରେ ପାଣି ରହିଲେ ମଝି ଅଂଶ ଗୋଟିଏ ଦ୍ୱୀପପରି ଜଣାପଡ଼ିବ। ଏହି କୋଠି ଅତି କମ୍‌ରେ ଦୁଇହାତ ଲମ୍ବା ହେବା ଦରକାର। ତା' ମଝିରେ ତୁଳସୀ ଗଛ ଲଗାଯାଏ ଏବଂ କଦଳୀ ଗଛ ପୋତାଯାଏ। ମାଟି ଖୋଳାଯାଇ ଏକ ବିଲ ସଦୃଶ ବେଦୀ ନିର୍ମାଣ କରାଯାଇ ତା' ଉପରେ ବାଲି ପକାଯାଇଥାଏ। ନିର୍ମାଣ ହୋଇଥିବା ବେଦୀର ପୂର୍ବ ପାଖରେ ସୂର୍ଯ୍ୟ ଓ ପଶ୍ଚିମ ପାଖରେ ଏକ କଦଳୀ ଗଛକୁ ସ୍ଥାପନ କରାଯାଇ ସେଠାରେ ଜିମୂତବାହନଙ୍କ ପ୍ରତୀକ ରୂପେ ପୂଜା କରାଯାଇଥାଏ। ଲେଉଟିଆ ଶାଗ ବ୍ୟତୀତ ଅନ୍ୟାନ୍ୟ ପନିପରିବାକୁ ନେଇ ବ୍ୟଞ୍ଜନ ପ୍ରସ୍ତୁତ କରି ଖିରିପିଠା ଇତ୍ୟାଦି ପ୍ରସ୍ତୁତ କରାଯାଏ। ପରେ ସନ୍ଧ୍ୟା ସମୟରେ ସ୍ନାନ କରି ସାରି ଗଙ୍ଗାମାତାଙ୍କୁ ପୂଜା କରାଯିବା ସହ ରାତିରେ ଦୂତୀବାହନଙ୍କୁ ଫଳ ଭୋଗ ଦେଇ ଓଷାର ଉପାଖ୍ୟାନ ଶୁଣିଥା'ନ୍ତି। ପୂଜାରେ ବ୍ୟବହୃତ ଫଳ ନିର୍ଦ୍ଦିଷ୍ଟ ଭାବରେ ଯୋଗାଡ କରିବା ଅତ୍ୟନ୍ତ କଷ୍ଟକର ହୋଇଥିବା ବେଳେ ମଧ୍ୟ ଏହି ଋତୁରେ ସମସ୍ତ ପ୍ରକାରର ଫଳ ମିଳୁଥିବାରୁ ବଜାରରେ ଉପଲବ୍ଧ ଫଳକୁ ପୂଜା ସାମଗ୍ରୀ ଭାବରେ ବ୍ୟବହାର କରାଯାଏ। ଏହି ପର୍ବର ଅନେକ ବିଶେଷତ୍ୱ ରହିଛି। ଅନେକ ସ୍ଥାନରେ ପାଳିତ ଏହି ଓଷାରେ ବ୍ୟବହୃତ ଯୁଇ ଡାଳର ବିଶେଷ ମହତ୍ତ୍ୱ ରହିଛି। ଯଦି କେହି ଅପୁତ୍ରିକ ଥାଆନ୍ତି ତା'ହେଲେ ଯୁଇ ଡାଳ ଆଣି ପୂଜା ସ୍ଥଳୀରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିବାର ଦେଖାଯାଏ ।

ବିଭିନ୍ନ ବର୍ଣ୍ଣର ମୁରୁଜ କରି ସୂର୍ଯ୍ୟ ଦେବତାଙ୍କର କାଳ୍ପନିକ ଚିତ୍ର ଆଙ୍କି, ଚିଲ ଏବଂ ଶିଆଳକୁ ଉତ୍ତରରେ ରଖି ପଶ୍ଚିମରେ ଦୂତୀବାହନଙ୍କୁ ସ୍ଥାପନ କରାଯାଇ ଥାଏ । ବ୍ରତ ଧାରଣ କରିଥିବା ନାରୀମାନେ ବାଲିରେ ଚିଲ ଏବଂ ଶିଆଳର ଚିତ୍ର ଆଙ୍କି ଅପାମାର୍ଗ କାଠିରେ ଦାନ୍ତ ଘସିଥାନ୍ତି। ସେଦିନ ସମସ୍ତେ ଶୁକ୍ଲବସ୍ତ୍ର ପରିଧାନ କରନ୍ତି। ଏଥିପାଇଁ ଯୋଗାଡ଼ କରିଥିବା ୨୧ପ୍ରକାର ଫଳ ଓ ପରିବାକୁ ଚାଙ୍ଗୁଡ଼ିରେ ଥୋଇ ତା' ଉପରେ ଗୋଟିଏ ନୂଆଲୁଗା ପକାଇ ଆସ୍ଥାନ ପାଖରେ ନେଇ ରଖିଥାନ୍ତି। ତା' ସହିତ କଉଡ଼ି, ଚଉରାଅଶୀଟା ଗୁଆ ସେହି କୋଠି ଭିତରେ ପକାଇବାକୁ ହୁଏ। ଏହି ପ୍ରକାର ବିଧିରେ ଓଷା ଶେଷକରି ଓଷା ଦ୍ରବ୍ୟକୁ ନିଜେ ନଖାଇ ରାତି ନ ପାହୁଣୁ ସ୍ନାନ କରି ବିବିଧ ବ୍ୟଞ୍ଜନ ପ୍ରସ୍ତୁତ ସହ ସମସ୍ତଙ୍କୁ ବାଣ୍ଟି ଦିଆଯାଏ। ପୂଜା ଶେଷକରି ସୂର୍ଯ୍ୟଦେବତାଙ୍କୁ ପ୍ରଣାମକରି ଏକମୁହାଁ ହୋଇ ଘରକୁ ଲେଉଟି ଆସନ୍ତି। ଓଷାର ପରଦିନ ସେମାନେ ନୂଆ ଲୁଗା ପିନ୍ଧି ଘରେ ପୂର୍ଣ୍ଣ କୁମ୍ଭ ବସାଇ ଗୋଟିଏ ସ୍ଥାନକୁ ଗୋବର ପାଣିରେ ଲିପି ପୋଛି ରନ୍ଧାବଢ଼ା କରିଥିବା ଜିନିଷକୁ ସେଇଠାରେ ଥୋଇ ଦିଅନ୍ତି। କୁମ୍ଭ ଆଗରେ ଦୀପ ଜାଳି ପୂଜା ସ୍ଥଳରେ ୧୦୮ ଚାଉଳ ଓ ୧୦୮ ଦୁବ ସହ ଏକ କଷି କାକୁଡ଼ିକୁ ଶାଳପତ୍ରରେ ବାନ୍ଧି ପୁଅମାନଙ୍କୁ ବନ୍ଦାଇଥାନ୍ତି। ଏହା ପରେ ଦୂତୀବାହନଙ୍କୁ ନୈବେଦ୍ୟ ଦିଅନ୍ତି। ସେହି ସାମଗ୍ରୀକୁ ମାଆମାନେ ପୁଅମାନଙ୍କ ଆପାଦମସ୍ତକ ଛୁଆଁଇ ବ୍ରତ ବା 'ଜିଉଁତିଆ'କୁ ସେମାନଙ୍କ ହାତରେ କବଚ ଭଳି ବାନ୍ଧି ଦେଇଥାନ୍ତି ଓ ବନ୍ଧୁବାନ୍ଧବ ପିଲା ସମସ୍ତଙ୍କୁ ପରସିଥାନ୍ତି। ଏହି ଓଷା କେବଳ ପୁଅମାନଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ପାଳନ କରାଯାଇଥାଏ ତାହା ନୁହେଁ; ବରଂ ମାଆ ଓ ପୁଅ ମଧ୍ୟରେ ଥିବା ମଧୁର ସଂପର୍କକୁ ଆହୁରି ସୁଦୃଢ଼ କରିଥାଏ । କୌଣସି ଲୋକ ବିପଦରୁ ରକ୍ଷା ପାଇଲେ ଲୋକମାନେ କହିଥା'ନ୍ତି ; ସତରେ ମାଆ ତୋର ଜିଉଁତିଆ ପୂଜିଥିଲା । ତେଣୁ ରକ୍ଷା ପାଇଗଲୁ। ଚଳିତ ବର୍ଷ ଏହି ଓଷା ସେପ୍ଟେମ୍ବର ୧୪ ତାରିଖରେ ପଡୁଛି।



ଭାରତ ବର୍ଷରେ ବାର ମାସରେ ତେର ପର୍ବ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ମହା ନିଷ୍ଠାର ସହ ଏଭଳି ଓଷା ପାଳନରେ ମହିଳାମାନେ ଯେଉଁ ନିଷ୍ଠା ଓ ଧର୍ମ ଆଚରଣ କରିଥାନ୍ତି ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ପୁଅ ଜିଉଁତିଆ ଓଷା ମଣିଷର ଧର୍ମୀୟ ଅନୁଚିନ୍ତାକୁ ସୁଦୃଢ଼ କରିବା ସହିତ ମାତା ଓ ପୁତ୍ରର ଅନାବିଳ ସ୍ନେହ ମମତାକୁ ରଦ୍ଧିମନ୍ତ କରିଥାଏ। ଏହି ଓଷା ପଶ୍ଚିମ ଓଡ଼ିଶାରେ ସର୍ବତ୍ର ପାଳିତ ହେବା ସହ ଏହି ଦିନଠାରୁ ପାର୍ବଣ ଋତୁର ଶୁଭାରମ୍ଭ ହୋଇଥାଏ। ଚିରଶୁଦ୍ଧି, ଧର୍ମୋପାସନା ଓ ଭାଗବତପ୍ରାପ୍ତି ଦିଗରେ ଏହି ପୁଅ ଜିଉଁତିଆ ଓଷାର ଉପାଦେୟତା ଅପରିହାର୍ଯ୍ୟ।

**ସାଇପ୍ରସାଦ ସାହୁ, ଆଇନଜୀବୀ, ଗବେଷକ ଓ ସ୍ତମ୍ଭକାର**
**ସିନ୍ଧେକେଲା, ବଲାଙ୍ଗୀର, ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨**

ମନୋରଞ୍ଜନ

# ନୂଆ ସିଜିନ 'ନାଗିନ୍-୭'
# ଦୁଇ ନାଗିନ୍‌ଙ୍କ ଆତଙ୍କ





ଏକତା କପୁରଙ୍କ ବହୁପ୍ରତୀକ୍ଷିତ ସୁପରନାଚୁରାଲ୍ ଶୋ' 'ନାଗିନ୍-୭' ଅପେକ୍ଷାରେ ରହିଛନ୍ତି ଦର୍ଶକମାନେ। ନିର୍ମାତାମାନେ ପୂର୍ବରୁ ଟିଜର ସହିତ ଶୋ'ର ଘୋଷଣା କରିସାରିଛନ୍ତି। କିନ୍ତୁ ନୂଆ ଖବର ଅନୁସାରେ ଏହି ସିଜିନ୍‌ରେ ଜଣେ ନୁହେଁ, ଦୁଇ ଜଣ ନାଗିନ୍‌ଙ୍କ ଆତଙ୍କ ଦେଖିବାକୁ ମିଳିବ। ନାଗମଣି ପାଇଁ ଦୁଇ ଜଣ ଇଚ୍ଛାଧାରୀ ନାଗିନ୍ ନାଗରାଜଙ୍କ ଜୀବନରେ ବିଷ ମିଶେଇବେ। ଏହି କାହାଣୀ ସେୟାର୍ କରିଛନ୍ତି ଏକତା କପୁର। ଏଥିରେ ତେଜସ୍ୱୀ ପ୍ରକାଶଙ୍କର ରି-ଏଣ୍ଟ୍ରି ହେବାର ଅଛି। ଶୋ'ର ଏକ ଭିଡିଓ ଜାରି କରାଯାଇଛି ଯେଉଁଥିରେ ନାଗିନ୍‌ଙ୍କ ଚେହେରା ଲୁଚି ରହିଛି। କିନ୍ତୁ ଏଥିରେ ଯେଉଁ ସ୍ୱର ଶୁଣିବାକୁ ମିଳୁଛି ତାହା ତେଜସ୍ୱୀ ପ୍ରକାଶଙ୍କର ବୋଲି ଅନୁମାନ କରୁଛନ୍ତି ଦର୍ଶକମାନେ। ତେବେ 'ନାଗିନ୍'ର ସବୁ ସିଜିନରେ ଅଲଗା ଅଲଗା ନାଗିନ୍‌ଙ୍କ ଚେହେରା ଦେଖିବାକୁ ମିଳିଥିଲେ ମଧ୍ୟ ନୂଆ ଶୋ'ରେ ପୁରୁଣା ନାଗିନ୍‌ଙ୍କୁ ପୁଣି ଥରେ ଦେଖିବାକୁ ମିଳିପାରେ। କାରଣ 'ନାଗିନ୍-୭'ର ସୁଟିଂ ଆରମ୍ଭ ହୋଇସାରିଛି ଓ ନୂଆ ଚେହେରା ସହିତ ପୁରୁଣା ନାଗିନ୍‌ଙ୍କ ରି-ଏଣ୍ଟ୍ରି ମଧ୍ୟ ହେବ। ସେୟାର୍ କରାଯାଇଥିବା ଲଘୁ ଭିଡିଓରେ ଏକ ଶିବଲିଙ୍ଗକୁ ଘେରି ରହିଛି ଏକ ନାଗସାପ ଯାହାଙ୍କ ଉପରେ ରହିଛି ଏକ ଚମକଥିବା ପ୍ରତୀକ। ଏହି ପ୍ରତୀକଟି ଫ୍ରାଞ୍ଚାଇଜ୍ ଆରମ୍ଭର ସଂକେତ ଦେଉଛି। ତେବେ ଖବର ଅନୁସାରେ ପ୍ରିୟଙ୍କା ଚାହର ଚୌଧୁରୀ ଏହି ସିଜିନରେ ନାଗିନ୍ ଭୂମିକାରେ ନଜର ଆସିବେ। ଶେଷ ଥର ପାଇଁ ତୁଷାର କପୁରଙ୍କ ସହିତ ୱେବ୍ ସିରିଜ 'ଦସ୍ ଜୁନ୍ କୀ ରାତ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା।





# 'ବିଗ୍ ବସ୍-୧୯'ରେ ହେବ ୱାଇଲ୍ଡ କାର୍ଡ ଏଣ୍ଟ୍ରି

ପ୍ରତି ସପ୍ତାହରେ କିଛି ନା କିଛି ନୂଆ ଟ୍ୱିଷ୍ଟ ନେଇ ଆସୁଛି 'ବିଗ୍ ବସ୍-୧୯'। ଗତ ୱିକେଣ୍ଡ୍ କା ୱାର୍‌ରେ ଶେହନାଜ ଗିଲ୍‌ଙ୍କ ଭାଇ ଶହବାଜ୍ ବଦେଶାଙ୍କର ଏଣ୍ଟ୍ରି ହୋଇଥିଲା ଓ ଏହି କାରଣରୁ ଘରର ପରିବେଶରେ ଦେଖା ଦେଇଥିଲା ପରିବର୍ତ୍ତନ। ଏବେ ଖବର ଅନୁସାରେ ଆଗାମୀ ୱିକେଣ୍ଡ୍‌ରେ ଦୁଇ ଜଣ କଳାକାର ଏଣ୍ଟ୍ରି କରିବେ- ସିଙ୍ଗର ଟିୟା କର ଓ ଅଭିନେତ୍ରୀ ଶିଖା ମାଲହୋତ୍ରା। ଯଦି ଏହି ଖବର ଠିକ୍ ପ୍ରମାଣିତ ହୁଏ ତେବେ ଖେଳ ଆହୁରି ରୋମାଞ୍ଚକ ମୋଡ଼ରେ ପହଞ୍ଚିବ। ଖବର ପାଇବା ପରେ ଯଦିଓ ଦର୍ଶକମାନଙ୍କର ଉତ୍ସାହ ଖୁବ୍ ଚରମ ସୀମାରେ ରହିଛି, କିନ୍ତୁ ଏ ସମ୍ପର୍କରେ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ। କିନ୍ତୁ ଏହା ମଧ୍ୟ ସତ ଯେ ଏମାନଙ୍କ ଏଣ୍ଟ୍ରି ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇପାରେ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଟିୟା ଜଣେ ପ୍ରସିଦ୍ଧ ଗାୟିକା ଓ ସେ ଅନେକଗୁଡ଼ିଏ ଲୋକପ୍ରିୟ ଗୀତ ଦେଇସାରିଛନ୍ତି। ତେଣୁ ତାଙ୍କର ଏଣ୍ଟ୍ରି ଦ୍ୱାରା ଘରର ପରିବେଶରେ ପରିବର୍ତ୍ତନ ହେବ, ଘରେ ମସ୍ତି ଓ ସଙ୍ଗୀତର ପରିବେଶ ନଜର ଆସିବ। ଶିଖା ମାଲହୋତ୍ରା ମଧ୍ୟ ଜଣେ ଏପରି ଅଭିନେତ୍ରୀ ଯିଏ ତାଙ୍କର ବେବାକ୍ ରାୟ ଓ ସିଧାସଳଖ କଥାବାର୍ତ୍ତା ପାଇଁ ବେଶ୍ ଜଣାଶୁଣା। ତେଣୁ ତାଙ୍କର ଏହି ପ୍ରକୃତି ଯୋଗୁ ଘରେ ସେ ଜଣେ ମଜଭୁତ ଖେଳାଳି ହୋଇପାରନ୍ତି। ଏବେ ୱିକେଣ୍ଡ୍ କା ୱାର୍‌ରେ ଏହି ରହସ୍ୟର ପରଦା ଉଠୁଛି କି ନାହିଁ ତାହା ଜଣାପଡ଼ିବ।



# ମହିଳାଙ୍କ ବାସ୍ତବତାର କାହାଣୀ: 'ସମ୍ପୂର୍ଣ୍ଣା'



ଟିଭି ଦୁନିଆରେ ନୂଆ ଚିନ୍ତାଧାରା ଓ ନୂଆ ଦିଶାକୁ ନେଇ ଆସିଛି 'ସମ୍ପୂର୍ଣ୍ଣା'। ତେଣୁ ଅନୁପମା, ୟେ ରିସ୍ତା କ୍ୟା କହଲାତା ହେ ଓ ଗୁମ୍ ହେ କିସି କେ ପ୍ୟାର୍ ମେଁ ପରି ଟିଭି ଧାରାବାହିକଗୁଡ଼ିକୁ ଦେଖି ଦେଖି ଯଦି ବୋର୍ ହୋଇଗଲେଣି ତେବେ ଏହି ନୂଆ ଶୋ' 'ସମ୍ପୂର୍ଣ୍ଣା' ଦେଖନ୍ତୁ ଯାହା ମହିଳାମାନଙ୍କର ବାସ୍ତବିକତାକୁ ଦର୍ଶାଇବାର ଏକ ପ୍ରୟାସ ମାତ୍ର। ତେବେ ଟିଭିରେ ପ୍ରତିଦିନ ଦେଖିବାକୁ ମିଳୁଛି ଅନେକଗୁଡ଼ିଏ ଡ୍ରାମା ଯେଉଁଗୁଡ଼ିକ କେବଳ ଯେ ମନୋରଞ୍ଜନ ଯୋଗଉଛନ୍ତି ତାହା ନୁହେଁ, ସମାଜ ପାଇଁ ଦର୍ପଣ ପରି କାମ ମଧ୍ୟ କରୁଛନ୍ତି। ଏହି କ୍ରମରେ ସାମାଜିକ ମୁଦ୍ଦାଗୁଡ଼ିକୁ ନେଇ ପ୍ରଭାବଶାଳୀ ଢ଼ଙ୍ଗରେ ପ୍ରସ୍ତୁତ ହୋଇଥିବା ଧାରାବାହିକ 'ସମ୍ପୂର୍ଣ୍ଣା' ପ୍ରସାରିତ ହେଉଛି। ଦୈନନ୍ଦିନ ଜୀବନରେ ସମାଜ ସ୍ଥିର କରିଥିବା ନିୟମ, ପରମ୍ପରା ଓ ଭେଦଭାବ ସହିତ ସଂଘର୍ଷ କରୁଥିବା ପ୍ରତି ମହିଳାଙ୍କର କାହାଣୀ 'ସମ୍ପୂର୍ଣ୍ଣା'। ଏଥିରେ ମିଛି ଓ ନୈନା ପରି ଚରିତ୍ରଗୁଡ଼ିକ ଜରିଆରେ ମହିଳା ସଶକ୍ତିକରଣ, ପାରିବାରିକ ସମ୍ପର୍କଗୁଡ଼ିକରେ ସନ୍ତୁଳନତା ଓ ସମାଜରେ ମହିଳାମାନଙ୍କ ପ୍ରତି ଦୃଷ୍ଟିକୋଣ ପରି ଗମ୍ଭୀର ମୁଦ୍ଦାଗୁଡ଼ିକୁ ବହୁତ ସମ୍ବେଦନଶୀଳତାର ସହିତ ଦେଖିବାକୁ ମିଳୁଛି। ଏହି ଶୋ'ର ତାକତ ହେଉଛି ଏହାର ପ୍ରସ୍ତୁତି। ଏଥିରେ ମିଛି ଚରିତ୍ରରେ ଅଭିନୟ କରୁଛନ୍ତି ସଦୀପ୍ତା ସେନ୍, ତାଙ୍କର ହୃଦୟ ଶଲ୍ୟ ଚିକିତ୍ସକ ପତିଙ୍କ ଭୂମିକାରେ ଅହମ ଶର୍ମା ଓ ଇନ୍ସପେକ୍ଟର ସତ୍ତୁଙ୍କ ଭୂମିକାରେ ନଜର ଆସୁଛନ୍ତି ବିଶାଲ୍ ଆଦିତ୍ୟ ସିଂହ।



# ଆର୍ଯ୍ୟନ୍‌ଙ୍କ ସିଙ୍ଗିଂ ଡେବ୍ୟୁ



ନିଜର ୱେବ୍ ସିରିଜ 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍' ରିଲିଜ ହେବା ପୂର୍ବରୁ ଚର୍ଚ୍ଚାରେ ରହିଛନ୍ତି ଆର୍ଯ୍ୟନ୍ ଖାନ। ଏଥିରେ ନିର୍ଦ୍ଦେଶକ ଭାବରେ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବେ ଆର୍ଯ୍ୟନ୍। ଏହାର ଟ୍ରେଲର୍‌ରେ ଦେଖିବାକୁ ମିଳୁଛନ୍ତି ଅନେକ କଳାକାର। ଅମୀର ଖାନ, ଶାହାରୁଖ ଖାନ, ଏସ୍‌ଏସ୍ ରାଜାମୌଲୀ, ବାଦଶାହ, ଦିଶା ପାଟନୀ, ରାଜକୁମାର ରାଓଙ୍କ ସମେତ ଅନେକ ସରପ୍ରାଇଜ୍ କ୍ୟାମିଓଜ୍‌ର ଝଲକ ଦେଖିବାକୁ ମିଳିଥିଲା ଯେଉଁ କାରଣରୁ ଦର୍ଶକମାନଙ୍କର ଉତ୍ସାହ ଦୁଇଗୁଣ ହୋଇଯାଇଛି। କିନ୍ତୁ ଏଥିରେ 'ତେନୁ କୀ ପତା' ଗୀତରେ ସିଙ୍ଗିଂ ଦୁନିଆରେ ଧମାକେଦାର ଡେବ୍ୟୁ କରିବାକୁ ଯାଉଛନ୍ତି ଆର୍ଯ୍ୟନ୍। ଗୀତରେ ତାଙ୍କ ସହିତ ନଜର ଆସୁଛନ୍ତି ଦିଲ୍‌ଜିତ ଦୋସାଂଝ। ଏହି ଗୀତରେ ଅଭିନେତା ମନୋଜ ପାହୱାଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳୁଛି। ତେବେ ଯେଉଁ ଖବର ଉପରେ ଦର୍ଶକମାନଙ୍କର ନଜର ରହିଛି ତାହା ହେଉଛି ଏହି ଗୀତରେ ଆର୍ଯ୍ୟନ୍ ସ୍ୱର ଦେଇଛନ୍ତି। ଗୀତ ଆରମ୍ଭରେ କମ୍ପୋଜର ଉଜ୍ଜ୍ୱଳ ଗୁପ୍ତାଙ୍କ ସହିତ ସେ ଇଂଲିଶ ର୍‍ୟାପ୍ କରିବାର ଶୁଣିବାକୁ ମିଳୁଛି। ଏହାପରେ ଗୀତର ଶେଷ ଭାଗରେ ଦିଲ୍‌ଜିତଙ୍କ ସହିତ କୋରସ୍ ଗାଇବାର ମଧ୍ୟ ନଜର ଆସୁଛନ୍ତି ଆର୍ଯ୍ୟନ୍। ଏଥିରେ ର୍‍ୟାପର୍ ବାଦଶାହଙ୍କୁ ମଧ୍ୟ ଦେଖିବାକୁ ପାଇବେ। ତେବେ ସିରିଜଟି ଏହି ମାସର ୧୮ ତାରିଖରେ ନେଟ୍‌ଫ୍ଲିକ୍ସରେ ରିଲିଜ ହେବାର ଅଛି। ଏଥିରେ ଦର୍ଶକମାନଙ୍କର ପ୍ରତିକ୍ରିୟା କ'ଣ ରହିବ ତାହା ଦେଖିବାର ବିଷୟ।

# ଅଭିଜିତ୍‌ଙ୍କ ପାଇଁ ସମୂହ ଦୀପଦାନ



ଓଡ଼ିଆ ସଙ୍ଗୀତ ଜଗତର ମେଲୋଡି କିଙ୍ଗ୍ ଅଭିଜିତ୍ ମଜୁମଦାର। ମନୋରଞ୍ଜନ ଦୁନିଆର ସେ ଜଣେ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ। ସଙ୍ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିବାର କଳା ତାଙ୍କୁ ବେଶ୍ ଜଣା। କିନ୍ତୁ ସଙ୍ଗୀତରେ ସମସ୍ତଙ୍କୁ ମତୁଆଲା କରୁଥିବା ଅଭିଜିତ ଦା' ଏବେ ଅଛନ୍ତି କୋମାରେ। ଜୀବନ ସହ କରୁଛନ୍ତି ସଂଗ୍ରାମ। ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ଏମ୍ସଠାରେ। ଏହି ଲୋକପ୍ରିୟ ସଙ୍ଗୀତଜ୍ଞଙ୍କ ଅସୁସ୍ଥତାର ଖବର କଷ୍ଟ ଦେଇଛି ତାଙ୍କର ପ୍ରଶଂସକ ଓ ଓଲିଉଡ୍ ପରିବାରକୁ। ତେଣୁ ତାଙ୍କ ସୁସ୍ଥତା କାମନା କରି ଓଡ଼ିଶା ଫିଲ୍ମ ଡିଷ୍ଟ୍ରିବ୍ୟୁସନ୍ ସିଣ୍ଡିକେଟ୍‌ର ସମ୍ପାଦକ ଶ୍ରୀଯୁକ୍ତ ସଚ୍ଚିକାନ୍ତ ଜେନାଙ୍କ ସମେତ ପ୍ରଯୋଜକ ଶ୍ରୀଧର ମାର୍ଥା, ଜୁବୁଲି ସୁନ୍ଦରାୟ, ସଂଳାପକାର ଡଃ ରଜନୀ ରଞ୍ଜନ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଗଦାଧର ପୁଟି, ମିଡିଆ ପ୍ଲାନର୍ କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ, ଶ୍ରୀତମ ଦାସ, ପ୍ରଯୋଜକ ବିବେକାନନ୍ଦ ବାରିକ, ସଞ୍ଜୟ ଭଟ୍ଟ, ଖଗେଶ୍ୱର ଜୟପୁରିଆ, ଇନ୍‌ଫ୍ଲୁଏନ୍ସର ପ୍ରକାଶ ନାୟକ, କୋରିଓଗ୍ରାଫର ଲୁବୁନ, ଅଭିନେତ୍ରୀ ଅଙ୍କିତା, ପ୍ରିୟ ରଞ୍ଜନ ମହାନ୍ତି, କଣ୍ଠଶିଳ୍ପୀ ଅଂଶୁମାନ ନାୟକ, ଅନ୍ତରୀକ୍ଷା ନାୟକ, ପ୍ରଦୀପ, ଅନେକ ସଂଗୀତଜ୍ଞ ଓ ଓଲିଉଡ୍ ପରିବାରବର୍ଗ ଶ୍ରୀରାମ ମନ୍ଦିରରେ କରିଥିଲେ ସମୂହ ଦୀପଦାନ। ତାଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ସେମାନେ ପ୍ରାର୍ଥନା କରିଥିଲେ ପ୍ରଭୁ ଶ୍ରୀରାମଙ୍କ ନିକଟରେ। କେହି କେହି ଦୀପ ଜାଳୁଥିବା ବେଳେ ଅନେକ ମହାମୃତ୍ୟୁଞ୍ଜୟ ମନ୍ତ୍ର ମଧ୍ୟ ଜପ କରିଥିଲେ। ଯଥାଶୀଘ୍ର ସେ ସୁସ୍ଥ ହୋଇ ପୁଣି ଥରେ ସଙ୍ଗୀତ ଦୁନିଆକୁ ଫେରି ତାଙ୍କ ସଙ୍ଗୀତ ଯାତ୍ରା ଜାରି ରଖନ୍ତୁ ବୋଲି କୋହଭରା କଣ୍ଠରେ କହିଥିଲେ ଓଲିଉଡ୍ ପରିବାର।





# ଦାୟିତ୍ୱବାନ ନାଗରିକ କରାନ୍ତୁ

ପିଲାମାନେ କେବଳ ପାଠ ପଢ଼ିବା ଓ ଚାକିରି କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ଚାହୁଁଛନ୍ତି କି ? ହୁଏତ ଅନେକ ହଁ କହିବାରେ କିଛି ଦ୍ୱିଧା ନାହିଁ । କାରଣ ନିଜ ପିଲା ଯଦି ଭଲ ପାଠପଢ଼ି ଚାକିରି କଲା, ଏହା ବାପାମାଆଙ୍କର ଗୌରବ ନୁହେଁ ତ ଆଉ କଣ ? କିନ୍ତୁ ଏତିକି ମନେ ରଖିବା ଦରକାର, ଯେଉଁ ପିଲାମାନଙ୍କୁ ଆମେ ଏତେ ପାଠଶାଠ ପଢ଼େଇ ବଡ଼ କଲେ, ସେମାନେ ସମାଜିକ କାର୍ଯ୍ୟ ପ୍ରତି ମଧ୍ୟ ଦାୟିତ୍ୱବାନ ହେବା ଦରକାର । ନିଜ ଘର କି ପରିବାରର ଦାୟିତ୍ୱ ନେବା ସହ ସାମାଜିକ କାର୍ଯ୍ୟରେ ଜଡ଼ିତ ହେବା ସହିତ କର୍ତ୍ତବ୍ୟବୋଧକୁ ମଧ୍ୟ ଭୁଲିଯିବା ଉଚିତ ନୁହେଁ । ଅନେକ ନିଜ ପିଲାଙ୍କୁ ଏ ବାବଦରେ ଜଣେଇ ନଥାନ୍ତି । ସମାଜ ପ୍ରତି ଜଣେ ଦାୟିତ୍ୱବାନ ନାଗରିକର କଣ କର୍ତ୍ତବ୍ୟ ରହିଛି, ତାହା ପିଲାଙ୍କୁ ଜଣେଇବା ଦରକାର । ପିଲାଟି ବଡ଼ ହେଲା ପରେ କେବଳ ଘର ନୁହେଁ ବରଂ ସମାଜର ମଧ୍ୟ ଦାୟିତ୍ୱ ନେବା ଦରକାର । ଯେଉଁ ସମାଜ ପିଲାଟିକୁ ବଡ଼ କରେଇବାରେ ସାହାଯ୍ୟ କରିଛି ଓ ପ୍ରଚ୍ଛନ୍ନ ଭାବରେ ଅନେକ କିଛି ଅବଦାନ ଦେଇଛି, ତାହାକୁ ଭୁଲିଯିବା ଉଚିତ ନୁହେଁ । ଜଣେ ଦାୟିତ୍ୱବାନ ନାଗରିକ ହିଁ ସମାଜକୁ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ହିଁ ନେଇପାରିବ । ସେଥିପାଇଁ ପିଲାଟି ବେଳରୁ ଏସବୁ କଥାକୁ ଜଣେଇବାର ଦାୟିତ୍ୱ କେବଳ ବାପାମାଆ ନୁହେଁ ଗୁରୁ ଗୁରୁଜନ ବି କରିବା ଦରକାର ।







# ଲକ୍ଷ୍ୟହୀନ ଭାବରେ କାର୍ଯ୍ୟ କରନ୍ତୁ ନାହିଁ

ଆମେ ସର୍ବଦା ନିଜକୁ ପରଖିବାରେ କୁଣ୍ଠା ପ୍ରକାଶ କରିଥାଉ । ଯାହା କରୁଛନ୍ତି, ଠିକ କରୁଛନ୍ତି ବୋଲି ଭାବିଥାଉ । ଅନ୍ୟମାନେ ଆମକୁ କିମ୍ବା କାର୍ଯ୍ୟକୁ ଯଦି ନାପସନ୍ଦ କରନ୍ତି, ତତ୍‌କ୍ଷଣାତ ରାଗିଯାଉ । କିନ୍ତୁ ସକାରାତ୍ମକ ଭାବରେ ଦେଖିଲେ, ଆମକୁ ଯଦି କେହି ଆମର ଭୁଲ ପାଇଁ ସମାଲୋଚନା କରୁଛି, ତାହାକୁ ବୁଝିବା ଦରକାର ଓ ନିଜ ଭୁଲକୁ ସୁଧାରିବା ଦରକାର । କୌଣସି କାର୍ଯ୍ୟକୁ ଯଦି ମନ ସ୍ଥିର କରି କରିବା ନାହିଁ, ତା'ହେଲେ ତାହା ଆମ ପାଇଁ କ୍ଷତି ସାଧନ କରିପାରେ । ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ହେଲେ କୌଣସି କାର୍ଯ୍ୟ ସମାପନ କରିବା ପୂର୍ବରୁ ଅନେକ କିଛି ବିଚାରବିମର୍ଶ କରିବା ଦରକାର । ଅନେକ ଅଛନ୍ତି, ଯେଉଁମାନେ କେବଳ ଆଜି ପାଇଁ ବଞ୍ଚିଯିବା ପାଇଁ ଚାହାନ୍ତି । ଆସନ୍ତାକାଲି ପାଇଁ ସେମାନଙ୍କ ପାଖରେ କିଛି ଯୋଜନା ନଥାଏ । ଯୋଜନାର ରୂପରେଖ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅଭିପ୍ରାୟ ଯଦି ଠିକ ନରହେ, ଆମେ ଭାବୁଥିବା କାର୍ଯ୍ୟକୁ ଠିକ୍ ଭାବରେ କରିପାରିବା ନାହିଁ । ଏଣୁ ଜୀବନକୁ ଲକ୍ଷ୍ୟହୀନ କରିବା ଆଦୌ ଉଚିତ ନୁହେଁ ।



# ପର୍ବପର୍ବାଣୀ

ଇଂ ସଚ୍ଚିଦାନନ୍ଦ ନନ୍ଦ



ବର୍ଷ ଭିତରେ ଅନେକ ପବିତ୍ର ଦିବସ ପଡ଼େ ଏବଂ ଜନସାଧାରଣ ତାହାକୁ ଅତି ଆଗ୍ରହ ଓ ଆନନ୍ଦ ମନରେ ପାଳନ କରିଥାନ୍ତି । କେତେକ ପର୍ବ କେତେକ କିମ୍ବଦନ୍ତୀ ଉପରେ ଆଧାରିତ । ଆଉ କେତେକ ଭଗବାନଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୁଏ । କେତେକ ଦିନିକିଆ ହୋଇଥିବାବେଳେ କେତେକ ବହୁ ଦିବସ ବ୍ୟାପି ପାଳନ କରାଯାଏ । ଆମେ କଳିଯୁଗର ଲୋକେ, ପୂର୍ବ ତିନି ଯୁଗର ଘଟଣା ଉପରେ ଆଧାରିତ ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବରେ କେତେକ ମହାପୁରୁଷ, ଭକ୍ତ ବା ଆଶ୍ରିତଙ୍କ ସହ ଭଗବାନଙ୍କର ଏକ ଏକ ନାମ, ରୂପର ସମ୍ପୃକ୍ତି ଥିବା ଦେଖାଯାଏ । ଏଗୁଡ଼ିକ ସେ ସମୟର ଏତେ ପ୍ରଭାବଶାଳୀ ଘଟଣା ଯେ ତାହାକୁ ପାଳନ କଲେ ଏ ସମୟର ଲୋକେ ମଧ ଏକ ପ୍ରକାର ମାନସିକ, ନୈତିକ ଓ ଆଧ୍ୟାତ୍ମିକ ସବଳତା ଅନୁଭବ କରନ୍ତି ଏବଂ ଭଗବାନଙ୍କ କୃପା ଲାଭର ଅନୁଭୂତି ଲାଭ କରିଥାନ୍ତି । ପର୍ବ ପାଳନ ସହ ସମ୍ପୃକ୍ତ ଅବତାରଙ୍କ ମହିମା ଗାନ, ତାଙ୍କ ପାଖେ ମଥା ନତ କରିବା, ତାଙ୍କ ଚମତ୍କାରୀ ଗୁଣ ସହ ଲୀଳା କୀର୍ତ୍ତନ ମଧ କରାଯାଇଥାଏ । ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା' ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହି ଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ






ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ ବିପଦରୁ ଉଦ୍ଧାର ପାଇବାକୁ ଇଚ୍ଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲା । ତାଙ୍କ ଆଶ୍ରିତ ମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବ ପର୍ବାଣୀମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ ଯାହ ହେଉ ପଛେ ପ୍ରତ୍ୟେକ ଦେବଦେବୀଙ୍କର ଅଲୌକିକ ଶକ୍ତି ଅଛି - ତାହା ଉପରେ ବିଶ୍ୱାସ ।

ଆମ ଦେଶରେ ପୁରାଣ କାଳରୁ ବିଶ୍ୱାସ ରହିଆସିଛି ଯେ ଗାଁ ମୁଣ୍ଡ ଗଛ ମୂଳେ ସିନ୍ଦୁର ବୋଳା ଯାଇଥିବା ପଥରଟିରେ ମଧ ଦୈବୀ ଶକ୍ତି ଅଛି, ସେ ମଧ ପ୍ରାର୍ଥନା ଶୁଣିପାରେ ଏବଂ ବାଞ୍ଛିତ ଫଳ ଦେଇପାରେ । ଯେଉଁଥିପାଇଁ ଷାଠିଏ ବର୍ଷ ତଳେ ଗଛ ମୂଳେ ଖରା ବର୍ଷା ଖାଉଥିବା ପଥର ଖଣ୍ଡେ ବର୍ତ୍ତମାନ ମାର୍ବଲ ମନ୍ଦିରରେ ପୂଜା ପାଉଛି ଓ ତାଙ୍କୁ ନେଇ ଉତ୍ସବ ପାଳନ ହେଉଛି । ଏ କଥା କେବଳ ଓଡ଼ିଶାରେ ନୁହେଁ, ଭାରତର ଅନ୍ୟତ୍ର ଦେଖାଯାଉଛି । କେବଳ ହିନ୍ଦୁ ଧର୍ମରେ ନୁହେଁ ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶରେ ଏହା ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ କେତେକ ଆଧ୍ୟାତ୍ମବାଦୀ ସାଧୁ ବ୍ୟକ୍ତି ତାଙ୍କ ସମାଜସେବା ମାଧ୍ୟମରେ ଲୋକମାନଙ୍କ ଅନ୍ତରରେ ସ୍ଥାନ ଗ୍ରହଣ କରିଥାନ୍ତି ସେମାନଙ୍କ ମୃତ୍ୟୁପରେ ତାଙ୍କ ସମାଧି ବା ଗାଦିକୁ କେନ୍ଦ୍ର କରି କେତେକ ଉତ୍ସବ ଅନୁଷ୍ଠାନ ଗଢ଼ି ଉଠିଲାଣି, ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସର ସ୍ମୃତିରେ ପର୍ବପର୍ବାଣୀ ପାଳନ କରାଗଲାଣି । ଏହା ଅନ୍ୟ ଧର୍ମ ଭିତରେ ବି ଦେଖାଦେଲାଣି । ବେଳେବେଳେ ଗୃହ ନିର୍ମାଣ, ପୋଖରୀ ଖୋଳା ବା କୃଷି କର୍ମ ବେଳେ ମାଟି ତଳୁ କିଛି ପଦାର୍ଥ ମିଳିଯାଉଛି ଓ ଧର୍ମ ଭାବାପନ୍ନ ଲୋକମାନେ ସେଗୁଡ଼ିକୁ ଏକ ଆସ୍ଥାନରେ ରଖି ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଉଛନ୍ତି ଓ ସେଗୁଡ଼ିକର ଆବିର୍ଭାବ ଦିବସର ସ୍ମୃତିରେ ପର୍ବପର୍ବାଣୀ ଆରମ୍ଭ ହୋଇଯାଉଛି । ଏସବୁ ପ୍ରକାର ସ୍ମୃତିରେ ପାଳିତ ହେଉଥିବା ଉତ୍ସବରୁ ଜଣାଯାଉଛି ଯେ ମଣିଷର ଅନ୍ତରରେ ଯେଉଁ ଦିବ୍ୟ ଭାବ ଓ ଚେତନା ଅଛି ତାହା କେଉଁ ନା କେଉଁ ପ୍ରକାରରେ ପ୍ରକଟିତ ହେଉଛି ଏହି ପର୍ବ ପାଳନ ମାଧ୍ୟମରେ । ଖୁବ୍ ଭଲ ଲକ୍ଷଣ । ମଣିଷ, ବୃକ୍ଷ, ପ୍ରସ୍ତର ବା ଧାତୁ ନିର୍ମିତ ମୂର୍ତ୍ତି ଭିତରେ ଦୈବତ୍ୱ ଆରୋପ କରିପାରୁଛି । ଭଗବାନ ବାବା ଆମକୁ ଆଉ ଟିକିଏ ଊର୍ଦ୍ଧ୍ୱକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । 'ତୁମେ କାଠ, ପଥର ଭିତରେ ଦୈବତ୍ୱ ଥିବା ଉପଲବ୍ଧି କରିପାରୁଛ କିନ୍ତୁ ଜୀବନ ମଣିଷ ଭିତରେ ତାହା ଉପଲବ୍ଧି କରିପାରୁ ନାହିଁ । ତାହା ମଣିଷ ଠାରେ ସବୁଠାରୁ ବେଶୀ ମାତ୍ରାରେ ବିଦ୍ୟମାନ ।' ତାହା ସନ୍ଦର୍ଶନ କରିବା ମଣିଷର ସବୁଠାରୁ ବଡ଼ ସାଧନା ଏବଂ ଏଥିରେ ସଫଳ ହେବା ବ୍ୟକ୍ତି ମଧ ପୂଜାର ପାତ୍ର ହୋଇଯାଆନ୍ତି, ତାଙ୍କୁ କେନ୍ଦ୍ର କରି ପୁନଶ୍ଚ ପର୍ବ ପର୍ବାଣୀ ଆରମ୍ଭ ହୋଇଯାଏ । ମୁଖ୍ୟତଃ ପର୍ବ ପର୍ବାଣୀ ପାଳନ କରିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି, ଆମେ -





ଭଗବାନଙ୍କୁ କେବେହେଲେ ଭୁଲି ନ ଯାଉଁ, ଭଗବାନଙ୍କ ଲୀଳା ମହିମାକୁ ସମ୍ମାନ ଜଣାଉଥାଉଁ, ସବୁକିଛି ଭିତରେ ଦୈବତ୍ୱକୁ ଚିହ୍ନିବାରେ ଚେଷ୍ଟା କରୁଥାଉଁ, ଭଗବାନଙ୍କ ଶକ୍ତି ସମସ୍ତଙ୍କ ପାଇଁ, ଏହା ବୁଝୁଥାଉଁ, ଦୁଷ୍ଟ ଶକ୍ତି ଯେତେ ପ୍ରବଳ ହେଲେ ବି ଦୈବୀଶକ୍ତି ପାଖରେ କାଳେ କାଳେ ତାହା ପରାସ୍ତ ହୁଏ, ଏହା ବିସ୍ମୃତ ନ ହେଉଁ, ଦୈବୀଶକ୍ତି ଯେ ଆମର ବଳ, ସାହସ ଓ ବଞ୍ଚିବାର ଏକମାତ୍ର ପାଥେୟ, ତାହା ଉପଲବ୍ଧି କରୁଁ ।

ଆମ ସମାଜରେ ଅନ୍ୟ ଏକ ପ୍ରକାର ଉତ୍ସବ ପାଳନ ହୋଇ ଆସୁଛି । ସେଥିରେ ପୂଜା ଏତେ ବଡ଼ ସ୍ଥାନ ପାଉ ନଥିଲେ ମଧ ଉପବାସ, ବ୍ରତ, ପିଠା, ପଣା ଇତ୍ୟାଦି ଘରେ ଘରେ କରାଯାଉଛି । ପିଲାମାନେ ନୂଆ ପୋଷାକ ପିନ୍ଧନ୍ତି, ଗୋଟିଏ ଗୋଟିଏ ପର୍ବକୁ କେନ୍ଦ୍ର କରି କେତେ ପ୍ରକାର ଖେଳକୁଦ, ଚିତା, ମୁରୁଜ ଓ ପାରମ୍ପରିକ ଗୀତ, ପାଲା, ଦାସକାଠିଆ ପ୍ରଭୃତି ମାଧ୍ୟମରେ ଆନନ୍ଦ ଅନୁଭବ କରିବା ଲକ୍ଷ କରାଯାଏ । ଏହା ମାଧ୍ୟମରେ ମାନବ ମାନବ ଭିତରେ ସଂପ୍ରୀତି ଓ ବଢୁଥିବା ଜଣାଯାଏ । ଏହା ସମାଜରେ କିଛି ପୌରାଣିକ ଶିକ୍ଷା ବିସ୍ତାର କରେ ମଧ । ଭଗବାନଙ୍କ ଇଚ୍ଛା ପ୍ରତ୍ୟେକ ପର୍ବ ପର୍ବାଣୀ ଅନ୍ତରାଳରେ ଥିବା ତାତ୍ପର୍ଯ୍ୟ ଓ ଅନ୍ତରାର୍ଥ ବୁଝି ପାଳନ କଲେ, ବର୍ତ୍ତମାନ ସେଗୁଡ଼ିକ ଯେଉଁଭଳି ପାଳିତ ହେଉଛି ତାହାର ମହତ୍ୱ ଆହୁରି ବଢ଼ିଯାଆନ୍ତା । ସମାଜ ଉପରେ ଏକ ଦୈବୀ ପ୍ରଭାବ ପଡ଼ନ୍ତା ଯାହା ପ୍ରକାରାନ୍ତରେ ଜନ ମାନସକୁ ଏକ ସୁସ୍ଥ, ସଭ୍ୟ ଓ ଧାର୍ମିକ ମାର୍ଗରେ ଆଗେଇ ନେଇ ଯାଆନ୍ତା ।

**ଅଲିଶା ବଜାର, କଟକ,**
**ଦୂରଭାଷ : ୯୩୩୭୨୪୨୯୫୫**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ବୟସ ୫୦ ପ୍ଲସ, ସୁସ୍ଥ ରହିବା ପାଇଁ କିଛି କଥା

ଡାକ୍ତର ଗୁରୁପଦ ମିଶ୍ର









ବୟସ ବଢ଼ିବା ସହିତ ଶରୀରରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଏହି ପରିବର୍ତ୍ତନ କେବଳ ମହିଳା ନୁହେଁ, ପୁରୁଷମାନଙ୍କ ମଧ୍ୟରେ ବି ଦେଖାଯାଇଥାଏ। ଆଜିକାଲି ସମସ୍ତେ ପଚାଶ ବର୍ଷ ବୟସରେ ମଧ୍ୟ ସୁସ୍ଥ ଓ ଫିଟ୍ ହେବାକୁ ଚାହାନ୍ତି। କିନ୍ତୁ ସମସ୍ତଙ୍କର ଇଚ୍ଛା ପୂରଣ ହୁଏନାହିଁ। ସାଧାରଣତଃ ୫୦ ବର୍ଷ ବୟସ ପରେ ମହିଳାମାନେ କିଛି ଶାରୀରିକ ସମସ୍ୟାର ସାମ୍ନା କରନ୍ତି। ଶରୀରରେ ଏଷ୍ଟ୍ରୋଜେନ ହରମୋନ କାରଣରୁ ମହିଳାଙ୍କ ରଜନିବୃତ୍ତି ହୁଏ। ଏହି କାରଣରୁ ୫୦ ବର୍ଷ ବୟସରେ ଏପରି କିଛି ଜୀବନ ପ୍ରଣାଳୀ ରହିଥାଏ। ଯାହାକୁ ଆମେ ଆପଣେଇ ନେବା ଉଚିତ। ଆସନ୍ତୁ ଜାଣିବା ୫୦ ବର୍ଷ ବୟସ ପରେ ସୁସ୍ଥ ରହିବା ପାଇଁ ପାଞ୍ଚଟି ସୂତ୍ର।

ଦୈନିକ ୧୦ ହଜାର ପାଦ ଚାଲିବା। ଶାରୀରିକ ଭାବରେ ନିଷ୍କ୍ରିୟ ରହିବା ଆପଣଙ୍କୁ ମେଦବହୁଳ କରିପାରେ। ଶାରୀରିକ ଶ୍ରମ ନ କରିବା ଦ୍ୱାରା ଶରୀରରେ ଅନାବଶ୍ୟକ ମେଦ ଜମା ହୋଇଥାଏ। ଏଣୁ ଧୀରେ ଧୀରେ ହାଡ଼ ଓ ମାଂସପେଶୀ ଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଆନ୍ତି। ଏଣୁ ଆପଣ ଦିନକୁ ୧୦ ହଜାର ପାଦ ଚାଲିବା ଅଭ୍ୟାସ ଆରମ୍ଭ କରନ୍ତୁ, କିଛି ମାସ ପରେ ପାର୍ଥକ୍ୟ ନିଜେ ଜାଣିପାରିବେ।

ଚାପମୁକ୍ତ ରହିବା। ଚାପ ଆପଣଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଏହା ପଛରେ ଅନେକ କାରଣ ଥାଇପାରେ ଯେପରିକି କାର୍ଯ୍ୟ ଚାପ, ପରିବାର, ଆର୍ଥିକ ପ୍ରତିବନ୍ଧକ, କାମକୁ ଯିବା ଚିନ୍ତା, ଭଲ ଚାକିରି ନ ପାଇବା ଟେନ୍‌ସନ୍ ଆଦି। ଚାପ ଓ ଚିନ୍ତା କମାଇବାକୁ ଚେଷ୍ଟା କରିବା ଆପଣଙ୍କ ପାଇଁ ଭଲ। ଏଥିପାଇଁ ଧ୍ୟାନ କରନ୍ତୁ, ଦେଖିବେ ଏହା ମନକୁ ଶାନ୍ତ କରିବା ସହିତ ଆପଣ ଉର୍ଜାବାନ ଅନୁଭବ କରିବେ।

ଖାଦ୍ୟରେ ସାମିଲ କରନ୍ତୁ ଅଧିକ ପୋଷକ ତତ୍ତ୍ୱ। ସୁସ୍ଥ ଜୀବନଯାପନ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପଯୁକ୍ତ ଖାଦ୍ୟପେୟ। ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରହିବାକୁ ହେଲେ ନିୟମିତ ପୁଷ୍ଟିକର ଖାଦ୍ୟ ଅର୍ଥାତ ଶସ୍ୟ, ଡାଲି ଓ ମଞ୍ଜି ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ। ଏହି ଖାଦ୍ୟ ଗୁଡ଼ିକରେ ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ।

ନକାରାତ୍ମକ କଥାରୁ ଦୂରେଇ ରହିବା। ଯେତେବେଳେ ନିଷିଦ୍ଧ ବିଷୟ ଗୁଡ଼ିକର କଥା ଆସେ, ଯେପରି ଟଙ୍କା ଉପରେ କିମ୍ବା ଘରର ସମସ୍ୟା କଥା ହେଉ ସେହି ସମ୍ବନ୍ଧରେ ଆମେ ଅଧିକ ଆଲୋଚନା କରିବା ପାଇଁ ଇଚ୍ଛୁକ ହୋଇଥାଉ। ଏହି କଥାଗୁଡ଼ିକ ଆମ ଜୀବନଶୈଳୀ ଉପରେ ପ୍ରଭାବ ପକାଇଥାଏ। ସେଥିପାଇଁ ଏହି ନକାରାତ୍ମକ କଥାକୁ ଆଡ଼େଇ ଯିବା ଉଚିତ।

ନିଶା ସେବନକୁ ନା କରନ୍ତୁ। ଧୂମପାନ ଓ ମଦ୍ୟପାନ ହୃଦରୋଗ, ଫୁସଫୁସ, ମଧୁମେହ, କ୍ରନିକ ପ୍ରସୂତି ରୋଗର କାରଣ ହୁଏ। କେବଳ ଏତିକି ନୁହେଁ, ଯଦି ଆପଣଙ୍କର ଧୂମପାନ ଅଭ୍ୟାସ କ୍ରନିକ ହୋଇଥାଏ, ତେବେ ଆଖି ସମସ୍ୟା, ରିଉମାଟଏଡ଼ ଆର୍ଥ୍ରାଇଟିସ ଓ ରୋଗ ପ୍ରତିରୋଧ ପ୍ରଣାଳୀରେ ସମସ୍ୟାର ଆଶଙ୍କା ମଧ୍ୟ ବଢ଼ିଯାଏ। ଏଥିପାଇଁ ଏହି ଉଭୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ।

କଥାରେ ଅଛି, ବୟସ ପଚାଶ ମାନେ ଆପଣଙ୍କ ଜୀବନ ଆରମ୍ଭ ହେଲା। ବାସ୍ତବକଥା ହେଉଛି ଯଦିଓ ବୟସ ବଢ଼ିବା ସହ ଅନେକଙ୍କର ସ୍ୱାସ୍ଥ୍ୟ ଅବସ୍ଥା ନାନା ସମସ୍ୟାକୁ ସାମ୍ନା କରିଥାଏ ଓ ଦୁର୍ବଳ ହୋଇଥାଏ। ତଥାପି ଏକ ରୁଟିନ ବନ୍ଧା ଭଲ ଜୀବନ ଶୈଳୀ ଦ୍ୱାରା ଆପଣ ଆନନ୍ଦମୟ ଜୀବନ ଉପଭୋଗ କରିପାରିବେ। ଖାଇବା, ଶୋଇବାରର ଏକ ନିର୍ଦ୍ଦିଷ୍ଟ ସମୟର ମାନଦଣ୍ଡ ରଖନ୍ତୁ। ସକାଳୁ ଉଠିବା ଖୁବ ଭଲ ଅଭ୍ୟାସ। ସୁଷମ ଖାଦ୍ୟ ସବୁଠାରୁ ଭଲ। ନିଶା ସେବନ ଠାରୁ ଦୂରେଇବା ସହ ପ୍ରଫୁଲ୍ଲିତ ମନର ଜୀବନ ନିର୍ବାହ କରନ୍ତୁ। ଯଥା ସମ୍ଭବ ଶାରୀରିକ ଅଭ୍ୟାସ, ଯୋଗ ପ୍ରାଣାୟମ ସବୁଠାରୁ ଭଲ। ନିଜେ ଖୁସିରେ ରହିବା ସହିତ ଅନ୍ୟ ମାନଙ୍କୁ ଖୁସିରେ ରଖିବା ପାଇଁ ଚେଷ୍ଟା କରନ୍ତୁ। କୌଣସି ଶାରୀରିକ ସମସ୍ୟା ଦେଖାଦେଲେ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ ଓ କୌଣସି ପରିସ୍ଥିତିରେ ଦେଶୀ ଚିକିତ୍ସା, ଗୁଣି ଗାରେଡ଼ି ଏ ସବୁକୁ ଗ୍ରହଣ କରନ୍ତୁ ନାହିଁ। ବୟସ ବଢ଼ିଲେ ଆପଣ ଯଦି ସୁସ୍ଥ ଜୀବନ ଶୈଳୀ ନିର୍ବାହ କରୁଥାନ୍ତି ତେବେ ଆପଣଙ୍କ ପାଇଁ କୌଣସି ଶାରୀରିକ ସମସ୍ୟା ଯନ୍ତ୍ରଣାଦାୟକ ଆଦୌ ହେବନାହିଁ।

ଭେଷଜ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
E-mail : gurupadamishra614@gmail.com

ମହକ

# ମେଧା ପ୍ରତିଭା : ଦିବ୍ୟଜ୍ୟୋତି ରଂଜନ ସାହୁ

ଶିଶୁମାନେ ଆମ ଦେଶ ଭାରତ ବର୍ଷର ଭବିଷ୍ୟତର ନାଗରିକ ଓ କର୍ଣ୍ଣଧାର ଆଉ ଅମୂଲ୍ୟ ସମ୍ପଦ। ଆଜିର ଶିଶୁ କାଲିର ନାଗରିକ, ଶିଶୁ ହସିଲେ ଦୁନିଆ ହସିବ ଏବଂ ଆମ ଶିଶୁ ଆମ ଭବିଷ୍ୟତ। ତେଣୁ ଆମେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ସହ ତାଙ୍କ ସ୍ୱପ୍ନ, ଇଚ୍ଛା ତଥା ଶିଶୁ ସୃଜନକୁ ଅନୁଭବ କରି ସେହି ଦିଗରେ ତାଙ୍କୁ ଉତ୍ସାହିତ ବା ପ୍ରେରଣା ଦେବା ଜରୁରୀ। ନିଜର ଶିକ୍ଷା ସହ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଆଦିରେ ଆଗ୍ରହ ପ୍ରକାଶ କରି ଅଧୁନା ପ୍ରତିଯୋଗିତାମୂଳକ ସମୟରେ ଖୁବ କୃତି ଅର୍ଜନ କରି ବିଦ୍ୟାର୍ଥିମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଦିବ୍ୟଜ୍ୟୋତି ରଂଜନ ସାହୁ। ପିତା ଯୁବ ସାମ୍ବାଦିକ ତଥା ବିଶିଷ୍ଟ ସମାଜସେବୀ ଜ୍ଞାନ ରଂଜନ ସାହୁ ଓ ମାତା ଆଦର୍ଶ ନାରୀ ପ୍ରତିଭା ରଞ୍ଜିତା ସାହୁଙ୍କ କୋଳମଣ୍ଡନ କରି କଟକ ସଦର ବ୍ଲକ୍ କିଶନନଗର ଉପକଣ୍ଠ ରାମଚନ୍ଦ୍ରପୁର ଗ୍ରାମ ୨୦୧୧ ମସିହାରେ ଏହି ଶିଶୁ ପ୍ରତିଭାଙ୍କ ଜନ୍ମ। ପିଲାଟି ଦିନରୁ ତାଙ୍କର ପାଠପଢା ପ୍ରତି ଯେତିକି ଆଗ୍ରହ ଠିକ ସେତିକି ଭାଓଲିନ ବଜାଇବା, ଖୋକୋ ଓ କ୍ରିକେଟ ଆଦି ଅନେକ କ୍ରୀଡା ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ବାଲ୍ୟଶିକ୍ଷା ନିଜ ଗ୍ରାମରେ ଥିବା ମର୍ଣ୍ଣିଷ୍ଟାର ସ୍କୁଲରୁ ଆରମ୍ଭ କରି ଅଧୁନା ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ(କେ.ଭି -୨)ଅଷ୍ଟମ ଶ୍ରେଣୀର ଛାତ୍ର ଭାବେ ଶିକ୍ଷା ଲାଭ କରୁଛନ୍ତି। ସେ କ୍ରୀଡ଼ାରେ ଖୁବ୍ ସୁନାମ ଅର୍ଜନ କରିଛନ୍ତି। ଖୋକୋରେ ଖୁବ୍ ସଫଳତାର ସହ ଜିଲ୍ଲା ତଥା ଜାତୀୟ ସ୍ତରୀୟ ପୁରସ୍କାର ଲାଭ କରି ଅଂଚଳ ପାଇଁ ଗୌରବ ଆଣିଛନ୍ତି। ସ୍କୁଲର ପାଠ୍ୟ ଖସଡ଼ା ଅନୁଯାୟୀ ପଢ଼ିବା ସହ ଅନ୍‌ଲାଇନ୍‌ରେ ସମସ୍ତ ପ୍ରତିଯୋଗିତାରେ ଭାଗନେବା ଏବଂ ଶ୍ରେଣୀ ପ୍ରମୋସନ ପରୀକ୍ଷାରେ ଖୁବ୍ ସଫଳତା ଲାଭ କରୁଛନ୍ତି। ତାଙ୍କ କୃତୀତ୍ୱର ସଫଳତାର ଅନନ୍ୟ ସ୍ୱୀକୃତି ସ୍ୱରୂପ କଟକ ସଦର ଅଞ୍ଚଳରୁ ବହୁ ସଂଗଠନ ଦ୍ୱାରା ପୁରସ୍କୃତ ଆଉ ଉଚ୍ଚ ପ୍ରଶଂସିତ। ଭବିଷ୍ୟତରେ ଜଣେ ଖ୍ୟାତି ସମ୍ପନ୍ନ ଦକ୍ଷ ଯନ୍ତ୍ରୀ ହେବାର ବୃହତ୍ ଆଶା ପୋଷଣ କରିଛନ୍ତି। ସେ ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୃକ୍ଷରୋପଣ, ପ୍ରକୃତି ସୁରକ୍ଷା ଓ ସେବା ଦିଗରେ ମଧ୍ୟ ଖୁବ୍ ଆଗରେ। କମ୍ ବୟସରୁ ତାଙ୍କ ବହୁମୁଖୀ ପ୍ରତିଭା ଓ ଉନ୍ନତ ଚିନ୍ତାଧାରା ପାଇଁ ତାଙ୍କ ସାଙ୍ଗସାଥୀ, ଗୁରୁଜନ ବର୍ଗ ଯଥା ଜେଜେ ଗାନ୍ଧୀବାଦୀ ନୃସିଂହ ଚରଣ ସାହୁ, ଜେଜେ ମା' ଧର୍ମପ୍ରାଣା ଇନ୍ଦୁମତୀ ସାହୁ, ବଡ଼ ମା' ଶିକ୍ଷାବିତ୍ ପ୍ରିୟଦର୍ଶିନୀ ସାହୁ, ବଡ଼ ବାପା ପୂର୍ବତନ ସିଆଇଏସଏଫ୍ କର୍ମଚାରୀ ନିରଞ୍ଜନ ସାହୁ, ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଗର୍ବିତ ଆଉ ଏହି ଦିଗରେ ତାଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ଏପରିକି ବିଭିନ୍ନ କାର୍ଯ୍ୟକ୍ରମରେ ଦିବ୍ୟଙ୍କୁ ତାଙ୍କ ମାତା ଏବଂ ପିତା ଉଭୟ ସାଙ୍ଗରେ ନେଇ ସବୁ ପ୍ରତିଯୋଗିତା ବା କାର୍ଯ୍ୟକ୍ରମ ମାନଙ୍କରେ ଭାଗ ନେବାର ସୁଯୋଗ ଦେଇଛନ୍ତି। ଏଣୁ ସାଧାରଣରେ ଏହି ମହତ କାର୍ଯ୍ୟକୁ ଖୁବ ପ୍ରଶଂସା କରାଯିବା ସହ ସବୁ ଅଭିଭାବକମାନେ ଏହିପରି ପିଲାମାନଙ୍କ ଆଗ୍ରହ, ଉତ୍ସାହ ଦେବା ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଦ୍ୟାଳୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ଜନ ସଚେତନତା, ପରିବେଶ ସୁରକ୍ଷା ବାର୍ତ୍ତା, ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରସ୍ତୁତି କରି ଖୁବ୍ ପ୍ରଶଂସନୀୟ ଆଉ ସମାଜ ପାଇଁ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରେ। ଏହି ମେଧା ପ୍ରତିଭାଙ୍କ ସ୍ୱପ୍ନ ହେଉ ସଫଳ ସମାଲବ୍ଧ ଆଉ ଶୁଭଙ୍କର, ତାଙ୍କ ପିତା ମାତାଙ୍କର କଠିନ ପରିଶ୍ରମ ହେଉ ସାକାର ଏବଂ ପ୍ରତିଭାର ବାସ୍ତବ ପରିଚୟ ସ୍ୱରୁପ ଏହି ମେଧା ପ୍ରତିଭା ପ୍ରତିଯୋଗୀମୂଳକ ସମୟରେ ସମାଜରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତୁ ଏତିକି ପ୍ରାର୍ଥନା।





# ଗଡ଼ଜାତ ଗାନ୍ଧୀ : ସାରଙ୍ଗଧର

ଡ. ଅରୁନ୍ଧତୀ ଦେବୀ

ଢେଙ୍କାନାଳ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ ୧୭ ଅକ୍ଟୋବର ୧୮୮୭ରେ ମାଣିକ ଓ ହରେକୃଷ୍ଣ ଦାସଙ୍କ ପଞ୍ଚମ ସନ୍ତାନ ଭାବେ ଜନ୍ମ ହୋଇଥିଲେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ। ସବୁ ପିଲାଙ୍କ ଭିତରେ ସାର ବୋଲି ନାମ ରଖାଯାଇଥିଲା ସାରଙ୍ଗଧର। ଜନ୍ମ ଜାତକ ଦେଖି ଜ୍ୟୋତିଷୀ ଭବିଷ୍ୟତବାଣୀ କରିଥିଲେ ପିଲାଟି ବଡ଼ ହେଲେ ଖୁବ୍ ନାଁ କରିବ; ପରିବାରର ଟେକ ରଖିବ। ଜ୍ୟୋତିଷୀଙ୍କ କଥା ସତ ହୋଇଥିଲା। ଅବଶ୍ୟ ଆଦ୍ୟ - କୈଶୋରରେ ପିତାଙ୍କୁ ହରାଇ ବିଗିଡ଼ି ଯାଇଥିଲେ ସାରଙ୍ଗଧର। କୁସଙ୍ଗରେ ପଡ଼ି ଦିନେ ଗାଁରେ ଦେଶୀ ମଦ ପିଇଥିଲେ। ତାହାପରେ ଟାଣିଥିଲେ ସେତେବେଳେ ମିଳୁଥିବା ରେଲବାଇ ମାର୍କା ସିଗାରେଟ। ତେବେ ସେହି ଥରଟିଏ। ନିଶା ସେବନ ଜନିତ କଦର୍ଯ୍ୟ ଶାରୀରିକ ଅବସ୍ଥା ତାଙ୍କ ମନକୁ ବଦଳାଇ ଦେଇଥିଲା। କୁସଙ୍ଗ ପରିତ୍ୟାଗ କରି କିଶୋର ସାରଙ୍ଗଧର ପଠନ, ପୂଜନ, ପ୍ରାଣାୟମକୁ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ତାଙ୍କ ଚରିତ୍ର ବ୍ୟକ୍ତିତ୍ୱର ଉଲ୍ଲେଖନୀୟ ବିକାଶ ଘଟିଥିଲା। ରେଭେନ୍‌ସା ମହାବିଦ୍ୟାଳୟରେ ପଢୁଥିବା ବେଳେ ସେ ବ୍ରିଟିଶ ସରକାର ଅଧୀନରେ ଚାକିରି କରିବେ ନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନେଇଥିଲେ। ଇଚ୍ଛା ଥିଲା ସ୍ୱଦେଶରେ ଶିଳ୍ପ, କୃଷି ଆଦିର ବିକାଶ ପାଇଁ ବିଦେଶରେ ପଢ଼ିବେ, ତାଲିମ ନେବେ।




ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା। ତଥାପି ସେ ବିଭିନ୍ନ ଆତ୍ମୁ ସାହାଯ୍ୟ ନେଇ ଜାପାନ ଯାଇଥିଲେ। ଜାପାନରେ ସେ କାଳରେ ଇଂରେଜୀରେ ପଢ଼ିବା ବ୍ୟବସ୍ଥା ନଥିଲା। ଜାପାନୀ ଭାଷା ଶିକ୍ଷା କରି ବୈଷୟିକ ବିଦ୍ୟା ପଢ଼ିବା ଅବାସ୍ତବ ଥିଲା। ତେଣୁ ସେଠାରୁ ଯାଇଥିଲେ ଆମେରିକା। ବାସନ ମାଜିବା, ଅଇଁଠା ଉଠାଇବା ଭଳି କାମ କରି ସେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ପଢିଥିଲେ। ତାହା ପରେ ରସାୟନ ବିଜ୍ଞାନ ଓ କୃଷି ବିଜ୍ଞାନ। କାଲିଫର୍ଣ୍ଣିଆ ଅବସ୍ଥାନ କାଳରେ ଫ୍ରିଡା ନାମା ଯୁବତୀଙ୍କ ପ୍ରେମରେ ପଡ଼ି ବିବାହ କରିଥିଲେ। ଏକ ଚିନି କାରଖାନାରେ ଉଚ୍ଚ ପଦବୀରେ ଅବସ୍ଥାପିତ ମଧ୍ୟ ହୋଇପାରିଥିଲେ। ଚାହିଁଥିଲେ ବିଦେଶରେ ଆଜୀବନ ରହିପାରିଥାଆନ୍ତେ। ତେବେ, ଜନ୍ମଭୂମିର ଡାକ ତାଙ୍କୁ ଫେରାଇ ଆଣିଥିଲା ସ୍ୱଦେଶ। ସାହେବ ବେଶରେ ଶାଢ଼ି ପିନ୍ଧା ସାହେବାଣୀଙ୍କୁ ନେଇ ଫେରିଥିଲେ ଢେଙ୍କାନାଳ। ଭାବିଥିଲେ ଚିନି କାରଖାନା ବସାଇବେ। ବିଧାତାଙ୍କ ବ୍ୟବସ୍ଥା ଥିଲା ଭିନ୍ନ। ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ତାଙ୍କୁ ଗଡ଼ଜାତ ପ୍ରଜା ପାଇଁ ଲଢ଼ିବାକୁ ଆହ୍ୱାନ ଦେଲା। ସାରଙ୍ଗଧର ସାହେବୀ ପୋଷାକ ଛାଡ଼ି, ପିନ୍ଧିଲେ ଖଦଡ଼। ଆଉ ଲୋକେ କହିଲେ ଗଡ଼ଜାତ ଗାନ୍ଧୀ। ୧୯୫୭ ସେପ୍ଟେମ୍ବର ୧୮ ତାରିଖରେ ଏହି ମହାନ ଜନନାୟକଙ୍କ ପରଲୋକ ହୋଇଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ଦୂରଭାଷ : ୯୯୩୭୧୭୨୮୧୦

## ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୧୪-୨୦)

### ଏଇ ସପ୍ତାହ


ସେପ୍ଟେମ୍ବର ୧୪, ୧୯୪୯-ସମ୍ବିଧାନ ସଭା ହିନ୍ଦୀ ଭାଷାକୁ ଦେଶର ଆଧିକାରିକ ଭାଷାର ମାନ୍ୟତା ଦେଇଥିଲା।





ସେପ୍ଟେମ୍ବର ୧୫, ୧୯୭୧- ସବୁଜିମାମୟ ଓ ଶାନ୍ତିପୂର୍ଣ୍ଣ ଦୁନିଆର ନିର୍ମାଣ ପାଇଁ ପ୍ରତିବଦ୍ଧ ଗ୍ରୀନ୍‌ପିସ୍‌ର ସ୍ଥାପନା ହୋଇଥିଲା।




ସେପ୍ଟେମ୍ବର ୧୬, ୧୮୪୮-ଫ୍ରାନ୍ସିସୀ ଉପନିବେଶରୁ ଦାସ ପ୍ରଥା ଶେଷ କରାଯାଇଥିଲା।




ସେପ୍ଟେମ୍ବର ୧୭, ୧୬୩୦- ଆମେରିକାର ବୋଷ୍ଟନ୍ ସହରର ସ୍ଥାପନା ହୋଇଥିଲା।




ସେପ୍ଟେମ୍ବର ୧୮, ୧୮୫୧-ଦି ନ୍ୟୁୟର୍କ ଟାଇମ୍ସ ଖବରକାଗଜର ପ୍ରକାଶନ ଆରମ୍ଭ ହୋଇଥିଲା।





ସେପ୍ଟେମ୍ବର ୧୯, ୨୦୧୪-ଆପ୍ପଲ୍ ଆଇଫୋନ୍-୬ର ବିକ୍ରି ଆରମ୍ଭ ହୋଇଥିଲା।



ସେପ୍ଟେମ୍ବର ୨୦, ୧୯୪୬-ପ୍ରଥମ ଥର କେନ୍ସ୍ ଫିଲ୍ମ ସମାରୋହର ଆୟୋଜନ ହୋଇଥିଲା।



# ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ସାମାଜିକ ନ୍ୟାୟ



'ନ୍ୟାୟ ଓ ସମାନତାର' ପ୍ରଶ୍ନ ସର୍ବଦା ଭାରତୀୟ ସମାଜର ସାଂସ୍କୃତିକ ଚେତନାରେ ନିଜର ଉପସ୍ଥିତିକୁ ଜାହିର କରିଆସିଛି। ବୈଦିକ ସ୍ତୁତିଠାରୁ ଉପନିଷଦ, ଗୀତା ଏବଂ ବୁଦ୍ଧଙ୍କ ଧମ୍ମପଦ ପର୍ଯ୍ୟନ୍ତ, ପ୍ରତ୍ୟେକ ମଣିଷର ଆତ୍ମମର୍ଯ୍ୟାଦାକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି ଏବଂ ଯେକୌଣସି ବ୍ୟବସ୍ଥାର ସଫଳତା ମଧ୍ୟ ଏହା ଉପରେ ନିର୍ଭର କରେ। ଆଧୁନିକ ଯୁଗରେ(ଉନ୍ନବିଂଶ ଶତାବ୍ଦୀ)ଯେତେବେଳେ ସମାଜ ଜାତି, ଲିଙ୍ଗ, ଶ୍ରେଣୀ, ସମ୍ପ୍ରଦାୟ ଏବଂ ଆର୍ଥିକ ଅସମାନତା ସହିତ ସଂଘର୍ଷ କରୁଥିଲା, ସେହି ଘଡ଼ିସନ୍ଧି ବେଳାରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ତାଙ୍କ ଜୀବନ, ଆଦର୍ଶ ଏବଂ ଚିନ୍ତାଧାରା ମାଧ୍ୟମରେ ସାମାଜିକ ନ୍ୟାୟକୁ ଏକ ନୂତନ ଦାର୍ଶନିକ ଦିଗରେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ। ସେ କେବଳ ଜଣେ ଆଧ୍ୟାତ୍ମିକ ପୁରୁଷ ଅବା ସାଧୁ ନଥିଲେ, ବରଂ ଯୁଗ-ନିର୍ମାଣର ପ୍ରବର୍ତ୍ତକ, ଜଣେ ସୁସାହିତ୍ୟିକ ଏବଂ ଜଣେ ସାମାଜିକ ସଂଗଠକ ମଧ୍ୟ ଥିଲେ। ତାଙ୍କ ଚିନ୍ତାଧାରା ଏହି ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ଥିଲା ଯେ, ସମାଜରେ ପ୍ରକୃତ ନ୍ୟାୟ ସେତେବେଳେ ସମ୍ଭବ ହେବ, ଯେତେବେଳେ ବ୍ୟକ୍ତିର ଚେତନାସ୍ତର ଉନ୍ନତ ହେବ। ସାଧାରଣ ଅର୍ଥରେ କହିବାକୁ ଗଲେ ସାମାଜିକ ନ୍ୟାୟ ହେଉଛି 'ସମାଜରେ ବସବାସ କରୁଥିବା ପ୍ରତ୍ୟେକ ମନୁଷ୍ୟଙ୍କୁ ସମାନ ଅଧିକାର,ସୁଯୋଗ ଓ ସମ୍ମାନ ଦେବାର ପ୍ରତିଶ୍ରୁତି ଦେବା। ଜାତି, ଧର୍ମ, ଲିଙ୍ଗ ଓ ଆର୍ଥିକ ଭେଦରୁ ମୁକ୍ତ ହୋଇ ସମତା, ସହଯୋଗ, ନ୍ୟାୟ ଓ ମାନବୀୟ ଗୁଣ ଆଧାରିତ ଏକ ସୁନ୍ଦର ସମାଜ ସଂରଚନା କରିବା।' ସାମାଜିକ ନ୍ୟାୟର ପରିସର ଓ ସଂଜ୍ଞା ଆଇନଗତ ବ୍ୟବସ୍ଥା କିମ୍ବା ରାଜନୈତିକ ଘୋଷଣା ଅପେକ୍ଷା ବହୁତ ଅଧିକା ଅଟେ। ଆଧୁନିକ ସମାଜଶାସ୍ତ୍ରୀଙ୍କ ମତରେ ଏହା ସମାନ ସୁଯୋଗ, ସମାନ ମର୍ଯ୍ୟାଦା ଏବଂ ସମ୍ବଳର ସମାନ ବଣ୍ଟନ ଦାବି କରେ। କିନ୍ତୁ ଏହାର ମୌଳିକ ଦାର୍ଶନିକ ଆଧାର ଆହୁରି ଗଭୀର, 'ପ୍ରତ୍ୟେକ ଜୀବରେ ଈଶ୍ୱରଙ୍କ ଅଂଶ ଅଛି ବୋଲି ବିଶ୍ୱାସ ଏବଂ ଯେକୌଣସି ବ୍ୟକ୍ତିଙ୍କ ପ୍ରତି ଅନ୍ୟାୟ ପ୍ରକୃତରେ ସେହି ସର୍ବୋଚ୍ଚ ସତ୍ତା ପ୍ରତି ଅନ୍ୟାୟ ଯାହା ଆମ ଭିତରେ ବିରାଜମାନ କରିଛି।' ଏହା ହେଉଛି ସାମାଜିକ ନ୍ୟାୟର ସେହି ଦୃଷ୍ଟିକୋଣ ଯାହାକୁ ଆଚାର୍ଯ୍ୟ ଶ୍ରୀରାମ ଶର୍ମା ତାଙ୍କ ଗାୟତ୍ରୀ ପରିବାର, ଯୁଗ ନିର୍ମାଣ ଯୋଜନା ଆନ୍ଦୋଳନ ଏବଂ ସ୍ୱରଚିତ ୩୨୦୦ ଗ୍ରନ୍ଥ ମାଧ୍ୟମରେ ସମାଜରେ ଜାଗରଣ କରିବାକୁ ଚେଷ୍ଟା କରିଥିଲେ।

ତାଙ୍କ ନିଜ ଜୀବନ ଏହାର ପ୍ରମାଣ ଥିଲା ଯେ, ପରିବର୍ତ୍ତନ କେବଳ ଭାଷଣ ଏବଂ ଆଇନ ମାଧ୍ୟମରେ ଘଟେ ନାହିଁ, ବରଂ ବ୍ୟକ୍ତିର ଆନ୍ତରିକ ଚେତନାରୁ ଆରମ୍ଭ ହୁଏ। ସେ ସର୍ବଦା କହୁଥିଲେ- 'ମଣିଷ ମଧ୍ୟରେ ଲୁଚି ରହିଥିବା ଦିବ୍ୟ ଗୁଣ ହେଉଛି ପ୍ରକୃତ ପୁଞ୍ଜି, ଯଦି ଏହା ଜାଗ୍ରତ ହୁଏ ତେବେ ସମାନତା ଏବଂ ନ୍ୟାୟ ସ୍ୱୟଂଚାଳିତ ଭାବରେ ପ୍ରତିଷ୍ଠିତ ହେବ।' ଏହି ଉକ୍ତିକୁ ଯଦି ସାଧାରଣ ନାଗରିକ ଠାରୁ ଆରମ୍ଭ କରି ଦେଶର ସର୍ବୋଚ୍ଚ ଶିଖରରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ଲାଗୁ କରାଯାଏ ତେବେ ସାମାଜିକ ନ୍ୟାୟ ପାଇଁ ଆଉ ରାଜରାସ୍ତା ଆନ୍ଦୋଳନର ସ୍ଥାନ ଭାବରେ ବ୍ୟବହୃତ ହେବ ନାହିଁ। ସେ ଶିକ୍ଷାକୁ ସାମାଜିକ ନ୍ୟାୟର ପ୍ରଥମ ମାଧ୍ୟମ ବୋଲି ମାନିଥିଲେ। ଏପରି ଶିକ୍ଷା ଯାହା କେବଳ ନିଯୁକ୍ତି ପ୍ରଦାନ କରିବ ନାହିଁ ବରଂ ଜ୍ଞାନ, ନୈତିକତା ଏବଂ ଆତ୍ମଚେତନାକୁ ମଧ୍ୟ ବିସ୍ତୃତି ପ୍ରଦାନ କରିପାରୁଥିବ। ସେ ବିଶେଷ କରି ନାରୀ ଶିକ୍ଷାକୁ ଦେଶ ଓ ଜାତିର ଭବିଷ୍ୟତ ସହିତ ଯୋଡ଼ିଥିଲେ ଏବଂ କହିଥିଲେ ଯେ ମହିଳା ଜାଗ୍ରତ ନହେଲେ କୌଣସି ସମାଜ ପ୍ରଗତି କରିପାରିବ ନାହିଁ। ତାଙ୍କ ଆନ୍ଦୋଳନରେ ମହିଳାମାନଙ୍କୁ ନେତୃସ୍ଥାନୀୟ ଭୂମିକା ଦିଆଯାଇଥିଲା, ଯାହା ପ୍ରମାଣିତ କଲା ଯେ ସାମାଜିକ ନ୍ୟାୟ କେବଳ ପାଠ୍ୟ ପୁସ୍ତକରେ ସୀମିତ ନୀତିର ବିଷୟ ନୁହେଁ ବରଂ ଆଚରଣର ମଧ୍ୟ। ତାଙ୍କରି ସଫଳ ଦିଗଦର୍ଶନ ଯୋଗୁଁ ଆଜି ଶହ ଶହ ଦଳିତ ଆଦିବାସୀ ମହିଳା ମଧ୍ୟ ଯଜ୍ଞ କର୍ମକାଣ୍ଡ ସଂଚାଳନ କରିବାରେ ସକ୍ଷମ ହୋଇଛନ୍ତି। ଯେଉଁ ଅଧିକାର ପାଇଁ ଭାରତୀୟ ନାରୀ ସହସ୍ର ବର୍ଷ ଧରି ସଂଗ୍ରାମ କରୁଥିଲେ। ତାଙ୍କର ଦୃଷ୍ଟିକୋଣ ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଅନନ୍ୟ ଥିଲା। ସେ ପୁଞ୍ଜିବାଦ ଓ ଶୋଷଣର ସମାଲୋଚନା କରୁଥିଲେ ଏବଂ କହୁଥିଲେ ଯେ ଧନର ବ୍ୟବହାର ସାମୂହିକ କଲ୍ୟାଣ ପାଇଁ କରାଯିବା ଉଚିତ। ତାଙ୍କ ମତରେ, ଆର୍ଥିକ ଅସମାନତା ଏତେ ହେବା ଉଚିତ୍ ନୁହେଁ ଯେ, କିଛି ଲୋକ ଅସୀମ ଧନରେ ବୁଡ଼ି ରହିବେ ଏବଂ ବାକି ଜନତା ବଞ୍ଚିବା ପାଇଁ ସଂଘର୍ଷ କରିବେ। ସେ ଜୋର ଦେଇ କହୁଥିଲେ ଯେ ସମାଜର ପ୍ରତ୍ୟେକ ବ୍ୟକ୍ତି ସର୍ବନିମ୍ନ ମୌଳିକ ସୁବିଧା ଏବଂ ସର୍ବୋଚ୍ଚ ସମ୍ମାନର ସହିତ ବଞ୍ଚିବାର ସୁଯୋଗ ପାଇବା ଉଚିତ।

ଭାରତୀୟ ସମାଜର ସବୁଠାରୁ ଜଟିଳ ସମସ୍ୟା ହେଉଛି ଜାତି ଏବଂ ଅସ୍ପୃଶ୍ୟତା। ଆଚାର୍ଯ୍ୟଙ୍କ ମତ ଥିଲା ଯେ ଜାତି ଜଣେ ବ୍ୟକ୍ତିଙ୍କ ପ୍ରକୃତ ପରିଚୟ ନୁହେଁ ବରଂ ତାଙ୍କର ଚରିତ୍ର ହେଉଛି ତାଙ୍କର ପ୍ରକୃତ ଜାତି। ଆତ୍ମା...ନା ବ୍ରାହ୍ମଣ ନା ଶୁଦ୍ର,ନା ବୈଶ୍ୟ ନା କ୍ଷତ୍ରିୟ। ଏହା କେବଳ ଏକ ଦିବ୍ୟ ଅନୁଭବ। ଏହି ଦୃଷ୍ଟିକୋଣରୁ, ସେ ଜାତି ଭେଦଭାବକୁ କଟୁ ଶବ୍ଦରେ ଆକ୍ରମଣ କରି ଆଧ୍ୟାତ୍ମିକ ଚେତନା ସାମାଜିକ ସମାନତାର ପ୍ରକୃତ ଆଧାର ବୋଲି କହିଥିଲେ।

ଆଚାର୍ଯ୍ୟ ଶ୍ରୀରାମ ଶର୍ମା ବିଜ୍ଞାନ ଏବଂ ଅଧ୍ୟାତ୍ମ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ବିଜ୍ଞାନ ଆମକୁ ଭୌତିକ ସମ୍ବଳ ପ୍ରଦାନ କରେ ଏବଂ ଅଧ୍ୟାତ୍ମ ଆମକୁ ମୂଲ୍ୟବୋଧ, ମର୍ଯ୍ୟାଦା ଏବଂ ଜୀବନ ବଞ୍ଚିବାର ଦିଗଦର୍ଶନ ଦିଏ। ଉଭୟଙ୍କ ମଧ୍ୟରେ ସନ୍ତୁଳନ ରହିଲେ ହିଁ ସମାଜରେ ନ୍ୟାୟ ପ୍ରତିଷ୍ଠା ହୋଇପାରିବ। ଖାସ୍, ଏହି ଦୃଷ୍ଟିକୋଣ ହିଁ ତାଙ୍କୁ ପାଶ୍ଚାତ୍ୟ ଦାର୍ଶନିକମାନଙ୍କଠାରୁ ଭିନ୍ନ ଏବଂ ଅଧିକ ବ୍ୟାପକ କରାଇଥାଏ। ଆମେରିକୀୟ ଦାର୍ଶନିକ ଜନ୍ ରାଲ୍ସ' ସାମାଜିକ ନ୍ୟାୟକୁ ସମସ୍ତଙ୍କ ପାଇଁ ନ୍ୟାୟ ଏବଂ ସମାନ ସୁଯୋଗ ଭାବରେ ପରିଭାଷିତ କରିଥିବା ବେଳେ, କାର୍ଲ ମାର୍କ୍ସ ଏହାକୁ ଅର୍ଥନୀତି ଏବଂ ଶ୍ରେଣୀ ସଂଘର୍ଷ ପରିପ୍ରେକ୍ଷୀରେ ଦେଖୁଥିଲେ। କିନ୍ତୁ ପଣ୍ଡିତ ଶ୍ରୀରାମ ଶର୍ମା ଏହାକୁ ଆଧ୍ୟାତ୍ମିକତା, ନୈତିକତା ଏବଂ ଅର୍ଥନୀତିର ତ୍ରିକୋଣରେ ପରଖିଛନ୍ତି। ତାଙ୍କ ମତରେ ଯଦି ବ୍ୟକ୍ତିର ନୀତି ଓ ନୈତିକ ଆଚରଣ ଉତ୍କୃଷ୍ଟ ନହେବେ ତେବେ ସେ ଯେଉଁ ପଦରେ ଥାଉ ନା କାହିଁକି ତା କର୍ତ୍ତବ୍ୟ ପ୍ରତି ଉଚିତ ନ୍ୟାୟ କରିପାରିବ ନାହିଁ। ତାଙ୍କର 'ଯୁଗ ନିର୍ମାଣ ଯୋଜନା' ପ୍ରକୃତରେ ସାମାଜିକ ନ୍ୟାୟର ଏକ ବ୍ୟବହାରିକ ପ୍ରୟୋଗଶଳା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ବ୍ୟକ୍ତିତ୍ୱ ବିକାଶ, ପରିବାର ନିର୍ମାଣ, ସମାଜ ନିର୍ମାଣର ତିନୋଟି ସ୍ତମ୍ଭ ଅଛି। ଯାହାର ସମିଶ୍ରଣରେ ଏକ ଉତ୍କୃଷ୍ଟ ରାଷ୍ଟ୍ର ନିର୍ମାଣ ହୋଇ ପାରିବ। ଏସବୁ ପଛରେ ମୂଳ ସିଦ୍ଧାନ୍ତ ହେଉଛି, ନ୍ୟାୟ କେବଳ ସରକାରଙ୍କ ନୀତି ଉପରେ ପର୍ଯ୍ୟବେସିତ ନୁହଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଦୈନନ୍ଦିନ ଆଚରଣ ଏବଂ ସଂସ୍କାର ଦ୍ୱାରା ସୃଷ୍ଟ ଏକ ପ୍ରକ୍ରିୟା ଅଟେ।

**ଆଜି ଯେତେବେଳେ ଦେଶ ଜାତିଗତ ଦ୍ୱନ୍ଦ୍ୱ, ଲିଙ୍ଗଗତ ଅସମାନତା, ଧନୀ-ଗରୀବ ପାର୍ଥକ୍ୟ ଏବଂ ପରିବେଶଗତ ସଙ୍କଟ ସହ ବିଶ୍ୱ ମଧ୍ୟ ଯୁଦ୍ଧ ଓ ଆତଙ୍କବାଦ ସହିତ ସଂଘର୍ଷ କରୁଛି, ଆଚାର୍ଯ୍ୟଙ୍କ ବାର୍ତ୍ତା ଅଧିକ ପ୍ରାସଙ୍ଗିକ ହୋଇପଡ଼େ। ସେ ଆମକୁ ମନେ ପକାଇ ଦିଅନ୍ତି ଯେ ପ୍ରକୃତ ଗଣତନ୍ତ୍ର ଏବଂ ମାନବ ସଂସ୍କୃତି ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ସାମାଜିକ ନ୍ୟାୟକୁ ରାଜନୈତିକ କିମ୍ବା ଆର୍ଥିକ ପ୍ରସଙ୍ଗ ନୁହେଁ ବରଂ ଏକ ଆଧ୍ୟାତ୍ମିକ ଓ ନୈତିକ କର୍ତ୍ତବ୍ୟ ଭାବରେ ବିଚାର କରିବା।**

**କିଛି ସମାଲୋଚକ ଏହା ପଚାରିପାରନ୍ତି ଯେ, କେବଳ ଆଧ୍ୟାତ୍ମିକତା ଦ୍ୱାରା ସାମାଜିକ ନ୍ୟାୟ ପ୍ରତିଷ୍ଠା ସମ୍ଭବ କି? ନିଶ୍ଚିତ ଭାବରେ ରାଜନୈତିକ ସଂସ୍କାର ଏବଂ ଆଇନଗତ ବ୍ୟବସ୍ଥା ମଧ୍ୟ ଏଥିପାଇଁ ଆବଶ୍ୟକ। ଆଚାର୍ଯ୍ୟଙ୍କ ମତରେ - ଆଇନ କେବଳ ଢାଞ୍ଚା ସୃଷ୍ଟି କରେ, କିନ୍ତୁ ସେହି ଆଇନକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତି ଜଣଙ୍କର ଉତ୍କୃଷ୍ଟ ବିଚାର ଓ ଉନ୍ନତ ଚେତନା ଶକ୍ତି ରହିଥିବା ଦରକାର। ଯଦି ମଣିଷର ପ୍ରକୃତି ଏବଂ ମନୋଭାବ ଦୁର୍ଭାବନା ଗ୍ରାସିତ ଅଟେ, ତେବେ କୌଣସି ବ୍ୟବସ୍ଥା ବଞ୍ଚିପାରିବ ନାହିଁ। ତେଣୁ ସେ ସାମାଜିକ ନ୍ୟାୟକୁ 'ଯୁଗ ଧର୍ମ' ବୋଲି କହିଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଭିତରେ ଥିବା ଦିବ୍ୟତାକୁ ଜାଗ୍ରତ କରି ସମାଜକୁ ନ୍ୟାୟପୂର୍ଣ୍ଣ କରିବାକୁ ଆହ୍ୱାନ ଦେଇଥିଲେ।**

ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ସାମାଜିକ ନ୍ୟାୟର ଦୃଷ୍ଟିକୋଣ ଆମକୁ ଶିକ୍ଷା ଦିଏ ଯେ ସମାଜର ପ୍ରକୃତ ପ୍ରଗତି ସେତେବେଳେ ହେବ ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ମାନବିକତା ଆଧାରରେ ସମ୍ମାନ ପାଇବେ, ପ୍ରତ୍ୟେକ ମହିଳା ସମାନ ସୁଯୋଗ ପାଇବେ, ପ୍ରତ୍ୟେକ ବର୍ଗ ସମ୍ବଳର ସମାନ ଅଂଶ ପାଇବେ ଏବଂ ପ୍ରତ୍ୟେକ ନାଗରିକର ଆତ୍ମା, ନିଜର ମାନବୀୟ ମର୍ଯ୍ୟାଦାକୁ ଅନୁଭବ କରିବ। ଏହା ହେଉଛି ସେହି ସମାନତା ଯାହାକୁ ସେ ତଥାକଥିତ ଧାର୍ମିକ ରୂଢ଼ିବାଦରୁ ଉର୍ଦ୍ଧ୍ୱରେ 'ଯୁଗ ଧର୍ମ'ର ଆଖ୍ୟା ଦେଇଥିଲେ ଏବଂ ଏହାକୁ ଗ୍ରହଣ କରି ଆମେ ଏକ ନ୍ୟାୟପୂର୍ଣ୍ଣ, ସନ୍ତୁଳିତ ଏବଂ ଆଧ୍ୟାତ୍ମିକ ସମାଜ ସୃଷ୍ଟି କରିପାରିବା।

**ପ୍ରଜ୍ଞା ପ୍ରସାଦ ତଥାଗତ**
**ରମ୍ଭା, ଗଞ୍ଜାମ**



## ଜୀବନେ ଯାଇଛି ବିତି, ଅନେକ ଅଭୁଲା ଦିନ

# ରସଗୋଲା ଚେଙ୍କ ଓ କୁକୁଡ଼ାଝୋଳ ଗାଳି

ଗୌରହରି ଦାସ

ଆଖି ବୁଜିଦେଲେ ପିଲାଦିନର ସ୍ମୃତିସବୁ କଅଁଳା ବାଛୁରିର ଖୁରା ଓ ପ୍ରଜାପତିର ଡେଣାରେ ମୋ ପାଖକୁ ଚାଲିଆସନ୍ତି। ମେଘପଖଳା ଶୀତଳ ପବନ ମୋର ଦେହକୁ ଉଲୁସେଇ ବୋହିଯାଏ। ମୁହୂର୍ତ୍ତକ ଭିତରେ ହଜାରେ ଚିତ୍ର ନାଚିଯାଏ ଆଖି ଆଗରେ। ନାଚିଯାଏ ମନ୍ତେଇ ନଈ, ନଈ କୂଳର ବଣିଆସାହି ପଦା, ଅର୍ଜୁନ ବାଆଜି ପୋଖରୀ, ମହାଦେବ ମନ୍ଦିର ଏବଂ ଗାଁ ମଝିର ବିରାଟ ତେନ୍ତୁଳି ଗଛ ଯାହାର ଡାଳରେ ଘର କରିଥା'ନ୍ତି ଶହ ଶହ ବଗ। ଥରେ ଥରେ ସେଇ ଗଛ ଉପରେ ଉଡ଼େ ଆସି ବଡ଼ ଗୋଟେ ମାଟିଆ ଚିଲ। ଆମେ ପିଲାଏ ତଳକୁ ମୁହଁକରି ମନେପକାଉ - ଶଙ୍ଖଚିଲ ଭାଇ ନମସ୍କାର, ମାଟିଆ ଚିଲକୁ ଗୋଇଠା ମାର୍। ମାଟିଆ ଚିଲ ଆମ ମନକଥା ଜାଣିପାରେ ନାହିଁ। ସେ ତା'ର ମନଇଚ୍ଛା ପୋଖରୀ ଉପରେ ଉଡ଼ି ଉଡ଼ି ତାହାର ଆହାର ଖୋଜିବୁଲେ। ମନ ଭିତରେ ଡର ଆସେ, ଆଜି ସାର୍ ଗାଳିଦେବେ କି ? ସକାଳୁ ସକାଳୁ ମାଟିଆ ଚିଲଟା ଦେଖିଲିଣି ପରା ! ସେଇଠୁ ମୁଣ୍ଡ ଉଠେଇ ଆକାଶକୁ ଚାହେଁ, ଶଙ୍ଖଚିଲର ଦେଖା ମିଳନ୍ତା କି ? ବେଶି ସମୟ ଅପେକ୍ଷା କରିବାକୁ ପଡ଼େ ନାହିଁ। ଭଅଁରାବାଙ୍କ ଆଡୁ ରାଜକୀୟ ଠାଣିରେ ଉଡ଼ିଆସେ ଶଙ୍ଖଚିଲ।

ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଗଦିଛକ ବୋଲି ଜାଗାଟିଏ ପଡ଼େ। ସେଇଠୁ ପୂର୍ବକୁ ମୁହାଁଇଲେ ପଡ଼େ ଘଣ୍ଟେଶ୍ୱର। ସେଇ ଘଣ୍ଟେଶ୍ୱର ହାଟ ପାଖରୁ ପୁଣି ପୂର୍ବମୁହାଁ ଗଲେ ତିନି ଚାରି କିଲୋମିଟର ପରେ ପଡ଼େ ମୋ ଗାଁ, ଷଣ୍ଢଗଡ଼ା। ମନ୍ତେଇ ନଈ କୂଳର ଏକଲା ନିଦୁଆଳି ଗାଁଟିଏ।

ଅନେକ ଦିନ ପର୍ଯ୍ୟନ୍ତ ମୋ ଗାଁ ହିଁ ଥିଲା ମୋର ପୃଥିବୀ। ସେଇ ଗାଁର କାଶିଭାଇଙ୍କ ତେଜରାତି ଦୋକାନ ଏବଂ ଦୋକାନରେ ଥିବା କାଚ ଜାର୍ ଭିତରେ କିଛି ମିଶ୍ରି ଆଉ ଗୁଡ଼ ହିଁ ଥିଲା ସବୁଠୁ ଭଲ ମିଠେଇ। ଗାଁଠୁ ଟିକିଏ ଦୂର ଘଣ୍ଟେଶ୍ୱର ହାଟ ମନେ ହେଉଥିଲା ସ୍ୱପ୍ନର ସହର, ଯେଉଁଠି ପ୍ରତିଦିନ ମହଣ ମହଣ ମିଠେଇ ତିଆରି ହୁଏ ଏବଂ ଚାହୁଁ ଚାହୁଁ ସେସବୁ ପୁଣି ସରିଯାଏ। ସବୁଠୁ ବଡ଼କଥା ସେଇଠି ଲୋକମାନେ ରସଗୋଲା ଖାଆନ୍ତି। 'ରସଗୋଲା' ଶବ୍ଦଟି କେବଳ ଶୁଣିଥିଲି, ମାତ୍ର ସେ ଜିନିଷଟା କ'ଣ ତାହା ଦେଖି ନଥିଲି, ଚାଖିବା ତ ଦୂରର କଥା। ମନେଅଛି, କେବଳ ଗୋଟେ ରସଗୋଲା ଖାଇବା ଲୋଭରେ ମୁଁ ବାପାଙ୍କ ସହ ଘଣ୍ଟେଶ୍ୱର ହାଟକୁ ଯିବି ବୋଲି ବାରମ୍ବାର ଜିଦ୍ କରୁଥିଲି। ସେତେବେଳେ ମୋତେ ସାତ କି ଆଠ ବର୍ଷ ହୋଇଥିବ। ମୋ ଜିଦ୍ ରଖି ଥରେ ବାପା ନେଇଗଲେ ଘଣ୍ଟେଶ୍ୱର। ହାଟରେ ପହଞ୍ଚି ମୋତେ ଶୁକସାହୁ ଗୁଡ଼ିଆ ଦୋକାନର ବେଞ୍ଚ୍ ଉପରେ ବସେଇ ଦେଇ ସେ ତାଙ୍କ କାମରେ ଚାଲିଗଲେ। ମୁଁ ବସିଛି। ଉପରଓଳି ଦିନ ଦିଇଟାବେଳୁ ବାପ ପୁଅ ହାଟକୁ ଯାଇଥିଲୁ, ରାତି ଆଠଟା ବାଜିବ। ମୁଁ ମିଠେଇ ଦୋକାନରେ ବସି ଆଘ୍ରାଣରେ ସବୁତକ ମିଠେଇର ବାସ୍ନା ଶୋଷି ନେଉଥାଏ। କି ଲୋଭନୀୟ ସେ ମିଠେଇ ସବୁ - ଲବଙ୍ଗି, ଛେନାଗଜା, ପାନତୁଆ ଏବଂ ଶେଷରେ ରସଗୋଲା। ମିଠା ସିରା ଭିତରେ ବୁଡ଼ି ରହିଥିବା ଗୋଲ ଗୋଲ ଧଳା ରସଗୋଲା, ତାହାର ନରମ ପୁତୁପୁତୁ ଚେହେରା, ଭିତରେ ମିଠା ମିଠା ସିରା। ମୁଁ ଖାଲି ସେଇ ରସଗୋଲା ତସଲାଟିକୁ ବଗ ମୀନକୁ ଚାହିଁଲା ପରି ଚାହିଁ ରହିଥାଏ। ମୋତେ ହାଟପଟିର ଗୋଳଚହଳ କି କୋଳାହଳ କିଛି ଶୁଭୁ ନଥାଏ। ଧୀରେ ଧୀରେ ଦୋକାନରୁ ଗ୍ରାହକ ପତଳା ହୋଇଗଲେ। ମୁଁ ତଥାପି ବସିଥାଏ। ମନେ ମନେ ମୁଁ ବିରକ୍ତ ହେଉଥାଏ ବାପାଙ୍କ ଉପରେ - କି ଦାୟିତ୍ୱହୀନ ବାପା ! ପୁଅର ରସଗୋଲା ଖିଆ କଥା ଭୁଲି ସେ ଏତେ ରାତିଯାଏ କୁଆଡ଼େ କ'ଣ କରୁଛନ୍ତି ?

କିଛି ସମୟ ପରେ ବାପା ଆସିଲେ। ତାଙ୍କ ହାତରେ ଅଟା ଚାଉଳ ଓ ପରିବା ଥିବା ଗୋଟେ ଝୁଲା। ଆସୁ ଆସୁ ଦୋକାନୀଙ୍କ ଉଦ୍ଦେଶ୍ୟରେ କହିଲେ, 'ହଉ ସାହୁପୁଅ, ମୁଁ ଆସୁଛି' ଏବଂ ତା'ପରେ ମୋ ବାହା ଧରି ଡାକିଲେ, 'ଚାଲ୍, ଯିବା।'

ମୋ ପାଖରେ ଆଉ ଚାରା ବା କ'ଣ ଥିଲା ?

ରସଗୋଲା ଖାଇବାର ସମସ୍ତ ଇଚ୍ଛାକୁ ମନ ଭିତରେ ପୋତିପକାଇ ମୁଁ ବାପାଙ୍କ ଆଙ୍ଗୁଠି ଧରିଲି। ବାପା ଯେଉଁ ବାଟଦେଇ ମୋତେ ଘରୁ ହାଟକୁ ନେଇଥିଲେ, ସେଇ ବାଟଦେଇ ଘରକୁ ଫେରାଇ ଆଣିଲେ।

ମାଇନର ସ୍କୁଲ୍‌ରେ ଲକ୍ଷ୍ମୀଧର ଥିଲା ମୋର ସାଙ୍ଗ। ଘଣ୍ଟେଶ୍ୱର ବଜାର ଉପରେ ତାଙ୍କର ସବୁଠୁ ବଡ଼ ମିଠା ଦୋକାନ। ଖାଇବାଛୁଟି ସମୟରେ ଥରେ ଦି'ଥର ମୁଁ ମୋର ରସଗୋଲା ସ୍ୱପ୍ନ କଥା ତାକୁ ନିଶ୍ଚୟ କହିଥିବି। ସେ ଥରେ ମୋତେ ଓ ଆଉ ଦି'ଜଣ ସାଙ୍ଗକୁ ଡାକିଲା, 'ଖରାବେଳେ ବୋଉ ରସଗୋଲା ତିଆରି କରି ସିରାରେ ବୁଡ଼େଇଥିବ। ଆମେ ହାଣ୍ଡିଶାଳକୁ ଯାଇ କଡ଼େଇ ଭିତରୁ ଗୋଟେ ଗୋଟେ ରସଗୋଲା ଉଠେଇ ଆଣିବା।'' ଲକ୍ଷ୍ମୀଧରର କଥା ଶୁଣି ମୁଁ ଅତ୍ୟନ୍ତ ଉତ୍ସାହିତ ହୋଇଗଲି। ତା' ଭଳି ଜଣେ ପ୍ରଶସ୍ତ ହୃଦୟ ସାଙ୍ଗର ବନ୍ଧୁତା ପାଇଥିବା ଯୋଗୁଁ ମନ ଭିତରେ ଗର୍ବ ଆସିଲା। ସେଦିନ ରାତିରେ ରସଗୋଲା କଥା ଭାବି ଆଉ ମୋତେ ନିଦ ହେଲା ନାହିଁ। କେମିତି ସକାଳ ହେବ ଓ ସ୍କୁଲ୍‌କୁ ଯିବି, ସ୍କୁଲ୍‌ରେ କେତେବେଳେ ଖାଇବାଛୁଟି ହେବ ଏବଂ ଆମେ ଘଣ୍ଟେଶ୍ୱରର ଲକ୍ଷ୍ମୀଧରଙ୍କ ଘରକୁ ଆସି ଖାଇବୁ ରସଗୋଲା। ସ୍କୁଲ୍ ପାଖରୁ ଲକ୍ଷ୍ମୀଧରର ଘର ଗୋଟାଏ କିଲୋମିଟର ହେବ। ଖରାଦିନ। ରାସ୍ତାର ବାଲି ତାତି ଯାଇଥାଏ। ପାଦରେ ଚପଲ କି ଜୋତା ନାହିଁ, ରାସ୍ତା କଡ଼ ଲଙ୍କା ଆମ୍ବଗଛର ଛାଇକୁ ଦେଖି ବଡ଼ ବଡ଼ ଖେପାରେ ଡେଇଁବା କଥା। ଯୋଜନା ମୁତାବକ ଲକ୍ଷ୍ମୀଧର ଏକା ସଦରପଟେ ଯିବ, ଆମେ ତିନିଜଣ ବାଡ଼ିପଟେ ଅପେକ୍ଷା କରିବୁ। ଲକ୍ଷ୍ମୀଧରର ଇସାରା ପାଇବାକ୍ଷଣି ଆମେ ହାଣ୍ଡିଶାଳ ଭିତରେ ପଶିବୁ। ଦ୍ୱିପ୍ରହର ଯୋଗୁଁ ରାସ୍ତାଘାଟ ଶୁନ୍‌ଶାନ୍। ଲକ୍ଷ୍ମୀଧରର ମାଆ ରସଗୋଲାଗୁଡ଼ିକୁ ଗରମ ସିରାରେ ବୁଡ଼େଇ ଚୁଲି ଲିଭେଇଲେ ଏବଂ କବାଟ ଆଉଜେଇ କାନ୍ଥ ସେପଟ ଖଞ୍ଜାକୁ ଚାଲିଗଲେ। ଲକ୍ଷ୍ମୀଧର ଆମକୁ ଇସାରା ଦେଲା - ଆସ। ଆମେ ତିନିହେଁ ହାଣ୍ଡିଶାଳେ ପଶି କବାଟ ବନ୍ଦ କରିଦେଲୁ। କଡ଼େଇ ଭିତରେ ସିରାରେ ରସଗୋଲା ସବୁ ଭାସୁଥାଆନ୍ତି। ଘର ଭିତରଟା ତା' ବାସ୍ନାରେ ମହକୁଥାଏ। ଲକ୍ଷ୍ମୀଧର କଡ଼େଇରୁ ଗୋଟେ ରସଗୋଲା ଉଠେଇ ଆଣି ମୋ ହାତ ପାପୁଲିରେ ଥୋଇଦେଲା। ଚାଏଁକିନା ମୋ ହାତଟା ପୋଡ଼ିଉଠିଲା। ରସଗୋଲାଟି ଏତେ ଗରମ ଥିଲା ଯେ ମୋ ହାତ ପାପୁଲି ପୋଡ଼ିଗଲା। ମୁଁ ତୁରନ୍ତ ଆର ସାଙ୍ଗର ପ୍ରସାରିତ ହାତରେ ସେଇଟି ଥୋଇଦେଲି। ତାହାର ମଧ୍ୟ ସେଇ ଦଶା। ସିଏ ଆର ସାଙ୍ଗ ହାତକୁ ସେଇଟି ଫିଙ୍ଗିଦେବା ବେଳକୁ ସତର୍କତା ଭୁଲି ଚିତ୍କାର କରି ଉଠିଲା। ତା' ପାଟି ଶୁଣୁ ଶୁଣୁ, ସେପଟ ଘରୁ ଲକ୍ଷ୍ମୀଧରର ମାଆ ଡାକ ପକେଇଲେ, 'ଆରେ, ହାଣ୍ଡିଶାଳେ କିଏ ପଶିଲାରେ ?'' ଆମେ ଡରିଗଲୁ। ତୁରନ୍ତ ସେଇ ଗରମ ରସଗୋଲାକୁ ତଳେ ପକେଇ ଦେଇ ସେ ଘରୁ ବାହାରି ଆସିଲୁ ଓ ସ୍କୁଲ୍‌ମୁହାଁ ଦଉଡ଼ିଲୁ। ରସଗୋଲା ଖିଆ ଇଚ୍ଛା ତ ପୂରଣ ହେଲା ନାହିଁ, ଢେର୍‌ଦିନ ପର୍ଯ୍ୟନ୍ତ ହାତର ଫୋଟକା ମୋର ସେ ଦୁଃସାହସିକ ଅଭିଯାନକୁ ପରିହାସ କରୁଥିଲା।



ଅନେକ ଦିନ ପର୍ଯ୍ୟନ୍ତ ଏଇ 'ରସଗୋଲା' ମୋ ନିକଟରେ ଅପହଞ୍ଚ ଥିଲା। ମୁଁ ତାକୁ ଗାଁକୁ ଆସୁଥିବା ଜ୍ୱାଇଁମାନଙ୍କ ଜଳଖିଆ ଥାଳି, ବ୍ରାହ୍ମଣଙ୍କ ଭୋଜନ ପତ୍ର, ରୋଗଶଯ୍ୟାରେ ପଡ଼ିଥିବା ବୁଢ଼ାବୁଢ଼ୀଙ୍କ ଶେଷ ଆଗ୍ରହ ନ ହେଲେ ଆସନ୍ନପ୍ରସବା ମାଆମାନଙ୍କ ପାଇଁ ବାପଘରୁ ଆସୁଥିବା ସଦ ଭାରରେ ଦେଖୁଥିଲି ସିନା, ମାତ୍ର ତା'ର ରସ ଆସ୍ୱାଦାନ ମୋ ଭାଗ୍ୟରେ ଜୁଟୁ ନଥିଲା। ସେ ଅବକାଶ ଜୁଟିଥିଲା ଅନେକ ଦିନ ପରେ। ହାଇସ୍କୁଲ୍‌ରେ ପଢୁଥିବାବେଳେ ଥରେ ଘରୁ ମୁଢ଼ି ଓ ଖଇ ନେଇ ଘଟପୁର ଯାଉଥିଲି। ବାଟରେ ପ୍ରବଳ ବର୍ଷାହେଲା। ଖଇ, ମୁଢ଼ି ଭିଜିଗଲା। ସେସବୁକୁ ଗୋଟେ ବଡ଼ କଂସାରେ ରଖି ତା' ଉପରେ, ଦେଉଳ ଉପରେ ଦଧିନଉତି ପରି ମାତ୍ର ଗୋଟିଏ ରସଗୋଲା ରଖିଥିଲେ ବାପା। ମାତ୍ର ମୁଁ ତାକୁ ଛୁଇଁବା ଆଗରୁ ସେ ତାକୁ କଂସାରେ ଚକଟି ଦେଇଥିଲେ। ଆହା, ମୁଁ ଟିକେ ହାତରେ ପ୍ରିୟ ରସଗୋଲାଟିକୁ ଧରିଥାନ୍ତି ପରା !

ରସଗୋଲା ପରି ମୋର ଆଉ ଗୋଟେ ଦୁର୍ବାର ଆକର୍ଷଣ ଥିଲା କୁକୁଡ଼ା ଝୋଳ। ଆମର ବୈଷ୍ଣବ ଘର। ଆମ ଘରକୁ ମାଛ ଶୁଖୁଆ ପଶୁଥିଲେ ବି ଅଣ୍ଡା, କଙ୍କଡ଼ା, ସାଗୁଆଦି କି ଚିକେନ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ ଥିଲା। ମୁଁ ଆଠ ବର୍ଷ ବୟସରେ ଗାଁ ଛାଡ଼ିଥିଲି। ବାପା ବୋଉ ମୋତେ ଘଟପୁର ମଠରେ ବାବାଜି କରିଦେଇଥିଲେ। ଗାଁ, ବାପାବୋଉ ଓ ସାଙ୍ଗମାନଙ୍କ ଠାରୁ ଦୂରେଇ ରହିବା ଖୁବ୍ କଷ୍ଟକର ଥିଲା। ତେବେ ମଝିରେ ମଝିରେ ଘରକୁ ଆସୁଥିଲି - ବର୍ଷରେ ଦି'ଥର। ଘରଫେରନ୍ତା ଅଭିଜ୍ଞତା ଅଦ୍ଭୁତ। ମୁଁ ଗାଁରେ ପହଞ୍ଚୁ ପହଞ୍ଚୁ ସାଙ୍ଗମାନଙ୍କ ସହ ମିଶି ନାନା ଯୋଜନା କରେ। ଯାହାସବୁ ଘଟପୁରରେ ନିଷିଦ୍ଧ - ମାଛଧରା ଓ ଆଇଁଷଖିଆ, ସେହିସବୁ କାମ ବେଶି ବେଶି କରିବା ପାଇଁ ଉତ୍ସାହ ଆସେ। କଥାରେ ତ ଅଛି, ଯୋଉଠି ବାରଣ, ସେଇଠି ଆକର୍ଷଣ !

ଏମିତି ଉତ୍ସାହରୁ ଥରେ କୁକୁଡ଼ା ଝୋଳ ରାନ୍ଧିବା କଥା ଉଠିଲା। ମୁଁ, ମୋ ସାଙ୍ଗ ଦି'ଜଣ ଓ ଆଉ ଜଣେ ସଂପର୍କୀୟ ସାନଭାଇ ମିଶି ଭାବିଲୁ - ମାଛଆଳୁ ଭୋଜିରେ କି ବାହାଦୁରି ! ଆମେ କୁକୁଡ଼ା ଝୋଳ ରାନ୍ଧି ଖାଇବା। (ଚିକେନ୍ ଶବ୍ଦ ସେତେବେଳକୁ ଆମ କାନ ଶୁଣି ନଥିଲା।) ଏଇଟା ରୀତିମତ ଏକ ଦୁଃସାହସିକ କାର୍ଯ୍ୟ। କୁକୁଡ଼ା ତ ମାଛ କି ଅଣ୍ଡା ପରି ନିର୍ବାକ୍ ନୁହେଁ ଯେ ସେ ନିରବରେ ଆସି କଡ଼େଇ ଭିତରେ ପଶିଯିବ। କୁକୁଡ଼ାକୁ ମାରିବ କିଏ ? ସେ ଏକ ଲମ୍ବା କାହାଣୀ। ସେଇ ଭୋଜିର ଅଭିଜ୍ଞତାକୁ ନେଇ ମୁଁ 'ପାପ' ଗପ ଲେଖିଛି। ସାରା ଦିନର ସତର୍କତା ଓ ଗୋପନୀୟତା ଭିତରେ ଆମେ ରାତିକୁ କୁକୁଡ଼ା ଝୋଳ ଖାଇଲୁ। ମାତ୍ର ସକାଳକୁ ସାରା ଗାଁରେ ପ୍ରଚାର। ତା'ପରେ ମୋ ଅବସ୍ଥା ଦେଖେ କିଏ ? ନୈଷ୍ଠିକ ଆଚାର ବିଚାର ମାନି ଚଳିବା ଲାଗି ମୋତେ ମଠରେ ନେଇ ରଖାଯାଇଛି। ଅଥଚ ଗାଁରେ ଆସି ମୁଁ କୁକୁଡ଼ା ମାରି ଭୋଜି କଲିଣି ! ମୋର ଦାଦା କହିଲେ - ଷଣ୍ଢଗଡ଼ାରେ ଖୁବ୍ ଶୀଘ୍ର ବିପ୍ତାତ ଘଟିବ, କାରଣ ଏଭଳି ପାପାଚାର ଆଜି ପର୍ଯ୍ୟନ୍ତ କେହି ଏ ଗାଁରେ କରି ନଥିଲେ। ସେତେବେଳେ ମୁଁ ପାପର ପରିଭାଷା କ'ଣ ଜାଣି ନଥିଲି। ଦାଦା ସବୁଦିନେ ତାଙ୍କ ଦୋକାନରେ ବସି ଗଞ୍ଜେଇ ଟାଣନ୍ତି। ସ୍କୁଲ୍‌କୁ ଆସିଥିବା ମାର୍କିନ ଛତୁଗୁଣ୍ଡ ହଡ଼ପ ହୋଇ ସେଠିକି ଆସେ। ସବୁଦିନ ଦି'ପହର ବିତେ ପରଚର୍ଚ୍ଚା ଓ ପର ନିନ୍ଦାରେ। ତେବେ ସିଏ ବଡ଼ ମଣିଷ। ତାଙ୍କୁ କିଏ କ'ଣ କହିବ ? ମାତ୍ର ଆମେ ପିଲା। ଆମ ଉପରେ ସମସ୍ତଙ୍କ ରାଗ। ବାପା ମୋ ଉପରେ ଭୀଷଣ ଉତ୍କ୍ଷିପ୍ତ ହେଲେ। ତାଙ୍କ ରାଗ ଆଗରେ ବୋଉର କାକୁତି ମିନତି କିଛି କାମ ଦେଲା ନାହିଁ। ଛୁଟି ସରିବା ଆଗରୁ ମୋ ବ୍ୟାଗ୍ ପ୍ରସ୍ତୁତ କରାଗଲା ଓ ଜୋର୍ ଜବରଦସ୍ତ ପଠେଇ ଦିଆଗଲା ଘଟପୁରକୁ।

ଖୁସିବାସିରେ କିଛି ଦିନ ପୂଜା ଛୁଟି କଟେଇବି ବୋଲି ଗାଁକୁ ଯାଇଥିଲି, ଆଖିରେ ଆଖିଏ ଲୁହ ଓ ଭରଣେ ଭର୍ତ୍ସନା ଶୁଣି ଫେରିଆସିଲି। ଏସବୁ ସତ୍ତ୍ୱେ ମନ ଭିତରେ ସନ୍ତୋଷ, ଆମେ କୁକୁଡ଼ା ଝୋଳ ହାପୁଡ଼ି ପାରିଛୁ। ନାନା ଦୁଃଖ ଓ କଷ୍ଟ ଭିତରେ ସେଇ ଆତ୍ମସନ୍ତୋଷ ଟିକକ ଆତ୍ମବିଶ୍ୱାସର ଆଧାର ଶିଳା ହୋଇଯାଇଥିଲା। କିଏ ଜଣେ ଭିତରୁ କହୁଥିଲା, 'ମନ ଥିଲେ ଉପାୟ ବଳେ ବଳେ ଆସେ।''

'ଅନୁଭବ'
୩୭୮ ବରମୁଣ୍ଡା ଗାଁ,
ଭୁବନେଶ୍ୱର- ୭୫୧୦୦୩

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ସିଙ୍ଗର ଶିବାନୀ



ଓଡ଼ିଆ ଯଦି ସରସ ସୁନ୍ଦର ହୋଇଥାଏ ଓ ଲୋକ ଆକୃଷ୍ଟ ହୋଇଥାନ୍ତି, ସଂଗୀତ ବେଶ ରୋମାଞ୍ଚିତ କରିଥାଏ ଦର୍ଶକଙ୍କୁ। ଓଡ଼ିଆ ଯାତ୍ରାର ସଙ୍ଗୀତ ପ୍ରମୁଖ ଭୂମିକା ମଧ୍ୟ ନିଭାଇଥାଏ। ମେଲୋଡ଼ି ଯେମିତି ଦର୍ଶକଙ୍କୁ ବାନ୍ଧି ରଖେ, ନାଟକର ଗୀତ ମଧ୍ୟ ସେତିକି ମତୁଆଲା କରେ। ସେମିତି ସାତସୁରେ ନିଜ ଜୀବନକୁ ବାନ୍ଧି ଦେଇଥିବା ଜଣେ ସିଙ୍ଗର ହେଲେ ଶିବାନୀ। ଯାତ୍ରା ପ୍ରତି ଅହେତୁକ ଦୁର୍ବଳତା ପାଇଁ ଦିନେ ନାଚ କରିବାକୁ ଆସିଥିଲେ ସିନା ସେ ସିଙ୍ଗର ଭାବରେ ନିଜର ପରିଚୟ ସୃଷ୍ଟି କଲେ। ଆଜି ସେ ସାରା ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା ଜଣେ ଜଣାଶୁଣା ସିଙ୍ଗର୍। କୌଣସି ପ୍ରତିବନ୍ଧକ କାହାର ପଥରୋଧ କରି ପାରେନାହିଁ, ତାହାର ପ୍ରମାଣ ହିଁ ଶିବାନୀ ଦେଇଛନ୍ତି। ଦୀର୍ଘଦିନ ଯାତ୍ରାରେ କ୍ୟାରିୟର କରିବା ପରେ କିଛିଦିନ ପାଇଁ ବିରତି ନେଇଥିଲେ ବି ନିଜ ପାଖରେ ଥିବା କଳା ତାଙ୍କୁ ପଥରୋଧ କରିପାରିଲା ନାହିଁ। ପୁଣି ସେ ଯାତ୍ରାକୁ ବାଧ୍ୟ ହୋଇ ଫେରିଲେ। ଯାହାଙ୍କର ଶିରାପ୍ରଶିରାରେ କଳାର ରକ୍ତ ପ୍ରବାହିତ ତାଙ୍କୁ ବା କିଏ ଅଟକାଇପାରିବ। ସେହିଭଳି ଶିବାନୀ ଆଜି ଯାତ୍ରାକୁ ଫେରି ନାହାନ୍ତି ତ ପ୍ରମାଣ କରି ଦେଖେଇ ଦେଇଛନ୍ତି, କଳାପାଇଁ କେତେ ସମର୍ପିତ ହୋଇପାରେ ଜଣେ କଳାକାର। ପ୍ରଥମେ ସେ ସାହାଣୀ ଅପେରାରେ ଆରମ୍ଭ କରିଥିଲେ କ୍ୟାରିୟର। ତାଙ୍କର ଇଚ୍ଛା ଥିଲା ସେ ନୃତ୍ୟ ପ୍ରଦର୍ଶନ କରିବେ। ବିଧିର ବିଧାନ ଏମିତି ଥିଲା, ଜଣେ ସିଙ୍ଗର ଅନୁପସ୍ଥିତ ଥିବା କାରଣରୁ ସେ ପ୍ରଥମେ ଆସି ଗୀତ ଗାଇ ସେ ଜାଗା ପୂରଣ କରିଥିଲେ। ପରେ ପାର୍ଟିର ପ୍ରଯୋଜକ ଶିବାନୀଙ୍କ କଳାଚାତୁରୀ ଦେଖି ଗୀତ ଗାଇବା ପାଇଁ ପ୍ରବର୍ତ୍ତାଇଥିଲେ। ସେହିଦିନ ଠାରୁ ଶିବାନୀ ଗୀତ ଗାଇ ଚାଲିଛନ୍ତି ସିନା ପଛକୁ ଫେରି ଚାହିଁ ନାହାନ୍ତି।



ସେ ଅନେକ ପାର୍ଟିର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବରେ ନିଜର କରିସ୍ମା ଦେଖାଇଛନ୍ତି। ତୁଳସୀ, ଟାଇଗର ତାରିଣୀ, କୋଣାର୍କ, ବାଘାଯତୀନ, ପୃଥିବୀ, ଗୌରୀ ଆଦି ପାର୍ଟିରେ କାର୍ଯ୍ୟ କରିବା ସହ ଚଳିତ ବର୍ଷ ସ୍ୱପ୍ନ ମହଲରେ ଯୋଗଦାନ କରି ଚର୍ଚ୍ଚାରେ ରହିଛନ୍ତି। ସେ ଉଭୟ ମେଲୋଡି ଓ ଯାତ୍ରା ନାଟକରେ ଗୀତ ଗାଇ ଦର୍ଶକଙ୍କ ମନ କିଣିବାରେ ସକ୍ଷମ ହୋଇପାରିଛନ୍ତି। ସେ ଗାଇଥିବା ଅନେକ ନାଟକର ଗୀତକୁ ଆଜି ବି ଶ୍ରୋତା ନିଜ ଭିତରେ ଗୁଣୁଗୁଣାଇ ହେଉଛନ୍ତି। ସଙ୍ଗୀତ ସାଙ୍ଗରୁ କଥା ସରିଲା, କହିବାକୁ କଥା ଅନେକ ବାକି, ପାପୀ, ଭୁବନେଶ୍ୱର ଜିନ୍ଦାବାଦ, ବାଜେ ଝିଅ ମୁଁ ଛୁଇଁବା ମନା, ବଦମାସ ପୁଅ, ପଣତକାନି, କଇଁଚି କାକୁଡ଼ି ନଳିତା ପିତା, କୁରୁକ୍ଷେତ୍ର, ରାଣୀ ପଣ୍ଡାକୁ ଖଣ୍ଡଗିରି ମନା, ଏଇ ଫଗୁଣରେ ବାଜିବ ବାଜା, ମୋନାଲିସା, ପ୍ରୀତି ରଙ୍ଗ ଲାଗିଲାରେ, ମୋ ସ୍ତ୍ରୀ ପରି ସ୍ତ୍ରୀ ନାହିଁ, ସ୍ୱର୍ଗରୁ ଆସିଛି ସତୀ ସାବିତ୍ରୀ, ତୋ ଆଖିର ଲୁହ ଭଲ ଲାଗୁନି, ବୋଉ, ହାରିଲି କେତେ ଜିତିଲି କେତେ, ଜବାବ ମାଗୁଛି ଉଦଣ୍ଡୀ ସୀତା, ମେଘ ସବାରୀରେ ବର୍ଷା ରାଣୀ ଏଭଳି ଅନେକ ନାଟକରେ ସେ ନିଜର କୋକିଳ କଣ୍ଠ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜୟ କରିପାରିଛନ୍ତି।



ସେ କୁହନ୍ତି ପ୍ରଥମରୁ ଘର ଲୋକେ ଟିକେ ବିରକ୍ତ ପ୍ରକାଶ କରୁଥିଲେ ବି ପରେ ସେ ନିଜର କଳା ଚାତୁରୀ ଦେଖାଇବା ପରେ ଆଉ ସେମିତି କିଛି ସମସ୍ୟା ହୋଇ ନଥିଲା। ପରେ ସାଙ୍ଗସାଥୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରୁ ପ୍ରଶଂସା ମିଳିବା ପରେ ଯାତ୍ରାରେ କାମ କରିବା ପାଇଁ ଆଉ ଟିକେ ପ୍ରେରଣା ମିଳିଥିଲା। ଏବେ ସେ ନିଜ ପ୍ରଫେସନ୍‌କୁ ନେଇ ସନ୍ତୁଷ୍ଟ ଥିବା କଥା କୁହନ୍ତି ଶିବାନୀ।



'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com